
୧୭-୨୩ ଅଗଷ୍ଟ , ୨୦୨୫

ରବିବାର
ସକାଳ
THE SAKALA

# ସିନ୍ଦୂରା



# ଭିନ୍ନ ଏକ ଗାଁ

- ନିଶାମୁକ୍ତ ଗାଁ 'କାହ୍ନୁଗୁଡ଼ା'
- ଖଟରେ ଶୁଅନ୍ତିନି କୋଟଗାଁବାସୀ
- 'ଶିଆଳିଆ' କବାଟ ନ ଥିବା ଗାଁ
- ଗାଁରେ କ୍ଷୀର ଖାଇବା ମନା
- ସଂଗ୍ରାମୀଙ୍କ ଗାଁ 'ଥୁଆବାରୀ'





# ଭିନ୍ନ ଏକ ଗାଁ

ପ୍ରସ୍ତୁତି 'ସକାଳ' ବ୍ୟୁରୋ

ଅନନ୍ୟ ଗାଁର ଆକର୍ଷଣ । ମନୋରମ ଗାଁର ପ୍ରାକୃତିକ ପରିବେଶ । ବେଶ୍ ମନମୁଗ୍ଧକର ସରଳ ଗ୍ରାମ୍ୟ ମଣିଷଙ୍କ ଜୀବନ ଶୈଳୀ । ଗ୍ରାମ୍ୟ ସଂସ୍କୃତି, ପରମ୍ପରା, ପର୍ବପର୍ବାଣି, ଯାନିଯାତ୍ରା ସବୁ କିଛିର ମହକ ଅଲଗା । ଗାଁର ଭାଇଚାରା ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖେ । କୁହାଯାଏ ଗାଁ ହେଉଛି ଦେଶର ଆତ୍ମା । ଆମ ଜନସଂଖ୍ୟାର ଏକ ବଡ଼ ଭାଗ ଗ୍ରାମାଞ୍ଚଳରେ ବସବାସ କରନ୍ତି । ଗୋଟିଏ ଗାଁର ବିକାଶରୁ ହିଁ ଦେଶର ବିକାଶକୁ ଜାଣି ହୁଏ । ଗାଁ ବିକଶିତ ହେଲେ, ଦେଶ ବିକଶିତ ହୋଇଥାଏ । ତେବେ ଏଭଳି ଅନେକ ଗାଁ ରହିଛି ଯେଉଁଠି ବିକାଶ ଅପହଞ୍ଚ । ସାଧାରଣ ମୌଳିକ ସୁବିଧା ସୁଯୋଗ ମଧ୍ୟ ସେଠାକୁ ପହଞ୍ଚି ପାରୁନାହିଁ । ଆଧୁନିକ ମଣିଷ ନିଜର ସୁଖ, ସୁବିଧା ପାଇଁ ସହରମୁହାଁ ହେବାରେ ଲାଗିଛି । ତଥାପି ଆମ ରାଜ୍ୟରେ ଅନେକ ଗାଁ ରହିଛି, ଯେଉଁ ଗାଁଗୁଡ଼ିକର ସ୍ୱତନ୍ତ୍ର ପରିଚୟ ରହିଛି । କେଉଁଠି ଗାଁ ସାରା ଲୋକେ ଆତ୍ମନିର୍ଭରଶୀଳ ହୋଇ ପାରିଛନ୍ତି ତ ଆଉ କେଉଁଠି ନିଜ ସଂସ୍କୃତି, ପରମ୍ପରାକୁ ଜାବୁଡ଼ି ଧରିଛନ୍ତି ଗ୍ରାମବାସୀ । ଅବା କେଉଁଠି ସଂଗ୍ରାମୀ ଗାଁ ଭାବେ ଗ୍ରାମବାସୀ ନିଜକୁ ଗର୍ବିତ ମନେ କରନ୍ତି । ପୁଣି କେଉଁ ଗ୍ରାମର ଅଧିବାସୀ ପକ୍ଷୀପ୍ରେମୀ ଭାବେ ପରିଚିତ । ଏହି ସବୁ ଭିତରେ କେତେକ ଗାଁରେ ଅଜବ ପରମ୍ପରା ଓ ନିୟମ ପ୍ରଚଳିତ । କେଉଁଠି ଲୋକେ ପିଢ଼ି ପରେ ପିଢ଼ି ଖଟରେ ଶୋଉ ନାହାନ୍ତି, ପୁଣି କେଉଁଠି କାହାରି ଘରେ କବାଟ ଲଗାଯାଏ ନାହିଁ । ପୁଣି କେଉଁ ଗାଁର ଲୋକେ ଗୋପାଳନ କରନ୍ତି, ଅଥଚ କ୍ଷୀର ଖାଆନ୍ତି ନାହିଁ । ଏହାରି ପଛରେ ରହିଛି ବିଶ୍ୱାସ ଓ ପରମ୍ପରା ପ୍ରତି ସମ୍ମାନବୋଧ । ଏହି ପରିପ୍ରେକ୍ଷୀରେ ଓଡ଼ିଶାର କେତୋଟି ନିଆରା ଗାଁକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା:

## କେମିତି କଟିବ ସପ୍ତାହ



**ମେଷ**

ରବି, ସୋମବାରରେ ଗୁରୁଜନଙ୍କ ପରାମର୍ଶ ଲୋଡ଼ିବେ । ମହିଳାମାନେ ଭାବନାକୁ ନିୟନ୍ତ୍ରଣ କରିବା ଉଚିତ । ମଙ୍ଗଳ, ବୁଧବାରରେ ବିଭିନ୍ନ ଉପାୟରେ ଆୟ କରିବେ । ଗୁରୁ, ଶୁକ୍ର, ଶନିବାରରେ ଅବହେଳାର ଶିକାର ହେବେ । ଅତ୍ୟଧିକ କାର୍ଯ୍ୟ କରି ଅସୁସ୍ଥ ମନେ କରିବେ ।



**ବୃଷ**

ରବି,ସୋମବାରରେ କିଛିଟା ଉତ୍ତେଜନା ଭିତରେ କାର୍ଯ୍ୟ ତୁଲାଇବେ । ଦୂରଯାତ୍ରା କରିପାରନ୍ତି । ମଙ୍ଗଳ, ବୁଧବାରରେ ସମୃଦ୍ଧି ଦେଖାଦେବ ସହ ଉଚ୍ଚ ଆଶା ସଫଳ ହେବ । ଗୁରୁ, ଶୁକ୍ର, ଶନିବାରରେ ଧର୍ମାଦି କାର୍ଯ୍ୟରେ ମନଦେବେ । ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ ।




**ମିଥୁନ**

ରବି,ସୋମବାରରେ ପ୍ରତ୍ୟେକ କାମକୁ ସୁଚାରୁ ରୂପେ କରନ୍ତୁ । ଅର୍ଥହାନିର ଶିକାର ହୋଇପାରନ୍ତି । ମଙ୍ଗଳ, ବୁଧବାରରେ କାର୍ଯ୍ୟକ୍ଷେତ୍ରରେ ବରିଷ୍ଠ ବ୍ୟକ୍ତିଙ୍କ ସହଯୋଗ ପାଇବେ । ଗୁରୁ, ଶୁକ୍ର, ଶନିବାରରେ ବ୍ୟବସାୟକୁ ପ୍ରସାରିତ କରିବା ପାଇଁ ନୂତନ ପଥ ବାଛିବେ ।



**କର୍କଟ**

ରବି,ସୋମବାରରେ ସମାଜରେ ପ୍ରତିଷ୍ଠିତ ହେବେ । ଭାଇଭଉଣୀଙ୍କ ସହଯୋଗ ପାଇବେ । ମଙ୍ଗଳ, ବୁଧବାରରେ ନିଜ ଲକ୍ଷ୍ୟସ୍ଥଳ ହାସଲ କରିବାରେ ସଫଳ ହୋଇପାରନ୍ତି । ଗୁରୁ ଶୁକ୍ର,ଶନିବାରରେ ବ୍ୟବସାୟ ଲାଭଜନକ ରହିବ । ସାଙ୍ଗସାଥୀଙ୍କ ସହ ମିଳାମିଶା ବଢ଼ିବାକୁ ଲାଗିବ ।



**ସିଂହ**

ରବି,ସୋମବାରରେ ସକାରାତ୍ମକ ଭାବନା ସହ କାର୍ଯ୍ୟ କରିବେ । ପ୍ରିୟଜନଙ୍କ କଥାକୁ ଗୁରୁତ୍ୱ ଦେବେ । ମଙ୍ଗଳ, ବୁଧବାରରେ କଠୋର ପରିଶ୍ରମ ଓ ଧୈର୍ଯ୍ୟ ଶକ୍ତି ପାଇଁ ସଫଳତା ପାଇବେ । ଗୁରୁ,ଶୁକ୍ର, ଶନିବାରରେ ଅନ୍ୟର କଥାରେ ମୁଣ୍ଡ ପୂରାନ୍ତୁ ନାହିଁ ।



**କନ୍ୟା**

ରବି,ସୋମବାରରେ ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ । କର୍ମକ୍ଷେତ୍ରରେ ଦାୟିତ୍ୱଭାର ବଢ଼ିପାରେ । ମଙ୍ଗଳ, ବୁଧବାରରେ ଅଯଥା କଥା ଚିନ୍ତାକରି ମାନସିକ ଅବସାଦରେ ରହିପାରନ୍ତି । ଗୁରୁ, ଶୁକ୍ର, ଶନିବାରରେ ଉଚ୍ଚ ସମ୍ମାନ ପାଇବେ । ପଡ଼ୋଶୀଙ୍କ ସହଯୋଗ ମିଳିବ ।



**ତୁଳା**

ରବି, ସୋମବାରରେ କର୍ମକ୍ଷେତ୍ରରେ ବିଳମ୍ବିତ କାର୍ଯ୍ୟ କରି ଅପଦସ୍ତ ହୋଇପାରନ୍ତି । ବିଭିନ୍ନ ପ୍ରକାର ଅଭାବ ଓ ଅସୁବିଧା ଦେଖାଦେଇପାରେ । ମଙ୍ଗଳ,ବୁଧବାରରେ ଗୁରୁଜନଙ୍କ ସହଯୋଗ ମିଳିବ । ଗୁରୁ,ଶୁକ୍ର, ଶନିବାରରେ ଶତ୍ରୁହାନି ହେବେ । ବ୍ୟବସାୟିକ ପ୍ରସାର ଘଟିବ ।



**ବିଛା**

ରବି,ସୋମବାର ସମାଜରେ ଉଚ୍ଚସମ୍ମାନର ଅଧିକାରୀ ହେବେ । ଭାଇଭଉଣୀଙ୍କ ସହଯୋଗ ମିଳିବ । ମଙ୍ଗଳ, ବୁଧବାରରେ ବ୍ୟବସାୟୀମାନେ ଠକାମିରେ ପଡ଼ିଯାଇପାରନ୍ତି । ଗୁରୁ,ଶୁକ୍ର,ଶନିବାରରେ ପରିଶ୍ରମ ମୁତାବକ ଫଳପ୍ରାପ୍ତି । ପରିବାର ସହ ଦୂରଯାତ୍ରା ଯୋଗ ରହିଛି ।



**ଧନୁ**

ରବି,ସୋମବାରରେ ନିଜ ଲୋକଙ୍କ ସହଯୋଗ ପାଇବେ । ଅନ୍ୟ ଉପରେ ଅଧିକ ଭରସା କରନ୍ତୁ ନାହିଁ । ମଙ୍ଗଳ, ବୁଧବାରରେ ବ୍ୟବସାୟିକ କାର୍ଯ୍ୟରେ ଦୂରଯାତ୍ରା କରିପାରନ୍ତି । ଗୁରୁ, ଶୁକ୍ର, ଶନିବାରରେ ଦାମ୍ପତ୍ୟ ସମ୍ପର୍କରେ ମଧୁରତା ବଢ଼ିବ । ସାଙ୍ଗସାଥୀଙ୍କ ସହଯୋଗ ପାଇବେ ।



**ମକର**

ରବି,ସୋମବାରରେ କୌଣସି ଏକ ଆଲୋଚନାର ଶରବ୍ୟ ହେବେ । ଅତ୍ୟଧିକ ଚିନ୍ତା କରି ଅସୁସ୍ଥ ମନେ କରିବେ । ମଙ୍ଗଳ, ବୁଧବାରରେ ପୈତୃକ ସମ୍ପତ୍ତିରେ ଭାଗୀଦାରି ପାଇପାରନ୍ତି । ଗୁରୁ,ଶୁକ୍ର, ଶନିବାରରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ହଠାତ୍ ବନ୍ଧୁବାନ୍ଧବଙ୍କ ଆଗମନ ହୋଇପାରେ ।



**କୁମ୍ଭ**

ରବି,ସୋମବାରରେ ଆଶାବାଦୀ ଓ ଉତ୍ସାହିତ ରହିବେ । ମଙ୍ଗଳ, ବୁଧବାରରେ ସାଙ୍ଗ ତଥା ପରିବାରବର୍ଗଙ୍କ ସହ ଆନନ୍ଦରେ ସମୟ କଟାଇବେ । ଗୁରୁ,ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତିରୁ ଦୂରେଇ ରୁହନ୍ତୁ । ଦାମ୍ପତ୍ୟ ଜୀବନରେ ଶାନ୍ତି ରହିବ ।



**ମୀନ**

ରବି,ସୋମବାରରେ ସାମାଜିକ ସମାବେଶରେ ସାହାଯ୍ୟ କରିପାରନ୍ତି । କର୍ମକ୍ଷେତ୍ରରେ ପ୍ରଶଂସାର ଅଧିକାରୀ ହେବେ । ମଙ୍ଗଳ, ବୁଧବାରରେ ପିଲାଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ନେଇ ଚିନ୍ତିତ ରହିବେ । ଗୁରୁ,ଶୁକ୍ର, ଶନିବାରରେ ନୂତନ ନିବେଶ ପାଇଁ ଅନୁଭବୀ ବ୍ୟକ୍ତିଙ୍କ ପରାମର୍ଶ ଲୋଡ଼ିବେ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com





# ନିଶାମୁକ୍ତ ଗାଁ କାହ୍ନୁଗୁଡ଼ା

**ଶିବ ନାରାୟଣ ଗଉଡ଼, ରାୟଗଡ଼ା**


ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ୍ ଅନ୍ତର୍ଗତ ଗୋରଖପୁର ପଞ୍ଚାୟତ ବଣ ପାହାଡ଼, ଝରଣା ଘେରା ଗାଁ କାହ୍ନୁଗୁଡ଼ା। ଏହି ଗାଁର ସୁରମ୍ୟ ପ୍ରାକୃତିକ ପରିବେଶ ଯେ କୌଣସି ମଣିଷର ମନ ଓ ହୃଦୟକୁ ନିଶ୍ଚୟ ବିମୋହିତ କରିବ। ପ୍ରାକୃତିକ ପରିବେଶରେ ଭିତରେ ଥିବା ଏହି ଗାଁଟି ଏକଦା ଅବହେଳିତ ହୋଇପଡ଼ିଥିଲା। ଗାଁରେ ଅଙ୍ଗନୱାଡ଼ି ଘର ଅଛି ହେଲେ, ଅଙ୍ଗନୱାଡ଼ି କର୍ମୀ ଆସୁ ନଥିଲେ, ସ୍କୁଲ ଥିଲା ଶିକ୍ଷକ ଆସୁ ନଥିଲେ, ସ୍ୱାସ୍ଥ୍ୟ କେନ୍ଦ୍ର ଅଛି, ଡାକ୍ତର ଆସୁ ନଥିଲେ। ଗାଁକୁ ଲାଗି ବୋହି ଯାଉଛି ବଡ଼ ନଦୀଟିଏ, ହେଲେ ପିଇବା ଲାଗି ବିଶୁଦ୍ଧ ପାଣିର ବ୍ୟବସ୍ଥା ନଥିଲା!! ଏମିତି ଅନେକ ସମସ୍ୟା ଭିତରେ ଏହି ଗାଁଟି ରହିଥିଲା। ଗାଁକୁ କୌଣସି ସରକାରୀ ଅଧିକାରୀ ଆସିବାକୁ ଚାହିଁ ନଥିଲେ।



କାରଣ ଗମନାଗମନର ସୁବିଧା ନଥିଲା। ଗାଁକୁ ଯିବାକୁ ନଦୀ ଗର୍ଭ ଦେଇ ଯିବା ଆସିବା କରିବାକୁ ପଡୁଥିଲା, ଖରା ଦିନରେ ମଧ ଆଣ୍ଠୁଏ ପାଣି ବୋହୁଥାଏ। ଆଉ ବର୍ଷା ଦିନରେ ତ ନଦୀ ପାଣି ପ୍ରଖର ସ୍ରୋତରେ ବଢ଼ିଯାଏ। ମଦ୍ୟପାନ ଯୋଗୁଁ ଗାଁରେ ବିଶୃଙ୍ଖଳା ସୃଷ୍ଟି ହେଉଥିଲା। ପରିବାରରେ ଅଶାନ୍ତ ପରିବେଶ ସୃଷ୍ଟି ହେଉଥିଲା। ପ୍ରତିଦିନ ଗଣ୍ଡଗୋଳ ଲାଗି ରହୁଥିଲା। ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିଲେ। ଏବେ କିନ୍ତୁ କାହ୍ନୁଗୁଡ଼ାରେ ଆସିଛି ବ୍ୟାପକ ପରିବର୍ତ୍ତନ। ଅନେକ ସୁବିଧା ସୁଯୋଗ ପାଇପାରୁଛନ୍ତି ଗ୍ରାମବାସୀ। ଏହା କେବଳ ସମ୍ଭବ ହୋଇଛି ସଚେତନତା ଓ ନିଷ୍ଠାପର ଉଦ୍ୟମ ଯୋଗୁଁ। ଏବେ ଏହା ସଂପୂର୍ଣ୍ଣ ନିଶାମୁକ୍ତ ଗାଁର ମର୍ଯ୍ୟାଦା ପାଇଛି। ଆଜି ଅନ୍ୟମାନଙ୍କ ପାଇଁ ଉଦାହରଣ ଓ ଆଦର୍ଶ ପାଲଟିଛି କାହ୍ନୁଗୁଡ଼ା। ନିଆରା ଗାଁ କାହ୍ନୁଗୁଡ଼ାର ବିକାଶକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।

## ଆଦର୍ଶ ଗାଁ

ପରବର୍ତ୍ତୀ ସମୟରେ ଗାଁର ବିକାଶ ଓ ଅଧିକାର ହାସଲ, ଯୁବ ଗୋଷ୍ଠୀଙ୍କୁ ଦାଦନ ମୁକ୍ତ କରିବା ଓ ସ୍ୱାବଲମ୍ବୀ କରିବା ପାଇଁ ପ୍ରୟାସ ଆରମ୍ଭ ହେଲା। ସେଥିପାଇଁ ମିଶନ ଭଳି ସଚେତନ କାର୍ଯ୍ୟ ଆରମ୍ଭ ହୋଇ ଯୁବକଙ୍କ ପାଇଁ ରୋଜଗାର ସୃଷ୍ଟି କରାଇବା ପ୍ରୟାସ ଜାରି ରହିଲା। ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନଠାରୁ ଆରମ୍ଭ କରି ଗର୍ଭବତୀ ମାଆମାନଙ୍କ ସୁରକ୍ଷା ସହିତ ମାତୃମୃତ୍ୟୁ ହାର ରୋକିବା ଏକ ପ୍ରକାର ଚ୍ୟାଲେଞ୍ଜ ଥିଲା। ପରବର୍ତ୍ତୀ ପଦକ୍ଷେପ ଥିଲା ଗାଁକୁ ସଂପୂର୍ଣ୍ଣ ସାକ୍ଷର କରାଇବା। ସବୁଠାରୁ ନିଆରା ପଦକ୍ଷେପ ଥିଲା ପ୍ରାକୃତିକ ଉପାୟରେ ସରଳ ଜୀବନ ବଞ୍ଚିବା। ଗାଁର ପାରମ୍ପରିକ ନୃତ୍ୟ, ଗୀତ, ବାଦ୍ୟ, ପୂଜା ପାଠ, ସଂସ୍କୃତି ସବୁ ବଞ୍ଚାଇ ରଖିବା ସହିତ ମାନବ ସଭ୍ୟତାରେ ମନୁଷ୍ୟ ଭଳି ବଞ୍ଚି ରହିବା, ଅନ୍ଧ ବିଶ୍ୱାସ ଭଳି କୁପ୍ରଥାଠାରୁ ଦୂରେଇ ରହିବା ନିମନ୍ତେ ପ୍ରୟାସ ଚାଲିଲା। ପରିଶେଷରେ ଚରିତ୍ର ଗଠନ କାର୍ଯ୍ୟରେ ସଫଳ ରୂପାୟନ ହେବା ପରେ ଗାଁର ମୌଳିକ ଅଧିକାର ହାସଲ ପାଇଁ ଅହିଂସା ଓ ସତ୍ୟାଗ୍ରହକୁ ମାଧ୍ୟମ କରି ଅନ୍ତିମ ଲଢ଼େଇ ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏକ ଆଦର୍ଶ ଗ୍ରାମ ଭାବେ ପରିଚିତ ଲାଭ କରିଛି କାହ୍ନୁଗୁଡ଼ା। ଏଥିପାଇଁ ଗ୍ରାମବାସୀଙ୍କ ନିଷ୍ଠା, ଆନ୍ତରିକତା, ସହଯୋଗ, ଭାଇଚାରା ମନୋବୃତ୍ତି ରହିଛି। ଫଳରେ ଗୋଟିଏ ପରେ ଗୋଟିଏ କାର୍ଯ୍ୟରେ ସେମାନେ ସଫଳ ହେବାରେ ଲାଗିଛନ୍ତି।



## ନିଶା ବିରୋଧୀ ଅଭିଯାନ

ରାୟଗଡ଼ା ଜିଲ୍ଲାର କାହ୍ନୁଗୁଡ଼ା ଏକ ଛୋଟିଆ ଗାଁ। ଏଠାରେ ପ୍ରାୟ ୧୫୦ ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ନାନା ସମସ୍ୟା ଘେରରେ ରହିଥିଲା ଗାଁଟି। ମଦପାନର କୁପ୍ରଭାବ ଗ୍ରାମବାସୀଙ୍କୁ ଅନ୍ଧକାର ଭିତରେ ରଖିଥିଲା। ମଦ ପିଇବା ଦ୍ୱାରା ପରିବାରରେ ଅସନ୍ତୋଷ, ଗାଁରେ ଛୋଟବଡ଼ ଗଣ୍ଡଗୋଳ

ଆଦି ବିଭିନ୍ନ ଘଟଣା ଘଟି ଗାଁ ପରିବେଶକୁ ଅଶାନ୍ତ କରୁଥିଲା । ସେପଟେ ଆର୍ଥିକ କ୍ଷତି, ନାନାଦି ରୋଗରେ ଆକ୍ରାନ୍ତ ହେବା ଯୋଗୁଁ କିଛି ସଚେତନ ଗ୍ରାମବାସୀଙ୍କ ଭିତରେ ଚିନ୍ତା ବଢ଼ିବାରେ ଲାଗିଲା । ତେଣୁ ଗାଁର କିଛି ଶିକ୍ଷିତ ବ୍ୟକ୍ତି, ଯୁବକ, ମହିଳା, ସମାଜସେବୀଙ୍କ ଉଦ୍ୟମରେ କାହ୍ନୁଗୁଡ଼ା ଗାଁରେ ପ୍ରଥମେ ଆରମ୍ଭ ହେଲା ମଦବିରୋଧୀ ଅଭିଯାନ । ଏହି କାର୍ଯ୍ୟକ୍ରମକୁ ପୂର୍ଣ୍ଣ ଭାବରେ ସମର୍ଥନ କଲେ ମହିଳା ମଣ୍ଡଳ, ଯୁବ ସମିତିର କର୍ମକର୍ତ୍ତାମା ନେ । ପ୍ରତିଦିନ ସଭା,ଶୋଭାଯାତ୍ରା, ସଚେତନତା ବାର୍ତ୍ତା, ଗୀତ-ନାଟକ ମାଧ୍ୟମରେ ମଦର ଅପକାରିତା ସଂପର୍କରେ ପ୍ରଚାର କରାଗଲା । ପ୍ରଥମେ ମଦପ୍ୟମାନଙ୍କୁ ଏହି ସବୁ ହାସ୍ୟାସ୍ପଦ ମନେ ହେଉଥିଲା । ଧୀରେ ଧୀରେ ଏହି ମଦ ବିରୋଧୀ ଅଭିଯାନ ଏତେ ତୀବ୍ର ହେବାରେ ଲାଗିଲା ଯେ, ମଦୁଆମାନେ ଛାନିଆ ହୋଇପଡ଼ିଲେ । ପ୍ରତିଟି ଘରେ ମହିଳାମାନେ ସଚେତନ ହୋଇ ପୁରୁଷମାନଙ୍କୁ ମଦ ପିଇବାରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଲେ । ଗାଁର କାନ୍ଥଗୁଡ଼ିକରେ ନିଶାମୁକ୍ତ ଗାଁ ଗଠନ ନେଇ ସଂକଳ୍ପ ସଚେତନତା ବାର୍ତ୍ତା ଲେଖାଗଲା । ଯିଏ ମଦ ପିଇ ବା ନିଶା ଦ୍ରବ୍ୟ ସେବନ କରି ଧରା ପଡ଼ିଲେ ଅର୍ଥ ଦଣ୍ଡରେ ଦଣ୍ଡିତ କରାଗଲା । ଫଳରେ ସାରା ଗାଁରେ ଏହାର ପ୍ରଭାବ ପଡ଼ିବା ଆରମ୍ଭ ହେଲା । ଆଉ ଧୀରେ ଧୀରେ କାହ୍ନୁଗୁଡ଼ା ଗାଁରେ ମଦ ପାନ ସଂପୂର୍ଣ୍ଣ ରୂପେ ବନ୍ଦ ହୋଇଗଲା । ତେଣୁ ଗାଁରେ ବିଶୃଙ୍ଖଳା, ଗଣ୍ଡଗୋଳ, ପାରିବାରିକ ଅଶାନ୍ତି ମଧ୍ୟ କମିବାରେ ଲାଗିଲା । କେବଳ ମଦ ନୁହେଁ, ଗାଁ ଭିତରେ କୌଣସି ନିଶା ଦ୍ରବ୍ୟ ସେବନ କରି ପାରିବା ନିଷେଧ । ଏପରିକି ଅନ୍ୟ ଗାଁର ଲୋକେ ମଧ୍ୟ ଏଠାକୁ ଆସି ନିଶା ସେବନ କରିପାରିବେ ନାହିଁ । ଏପରିକି କୌଣସି ମୃଦୁ ପାନୀୟ ଜଳ ମଧ୍ୟ ପିଇବା ପାଇଁ ବାରଣ କରାଯାଇଛି । ଏବେ କାହ୍ନୁଗୁଡ଼ା ସଂପୂର୍ଣ୍ଣ ନିଶାମୁକ୍ତ ଗାଁର ମାନ୍ୟତା ଲାଭ କରିଛି ।

## ବିକାଶର ପଥେ କାହ୍ନୁଗୁଡ଼ା

ଗୋଟିଏ ଗାଁକୁ ସମ୍ପୂର୍ଣ୍ଣ ଆଦର୍ଶ କରିବା ପାଇଁ ଜଣେ ସାମାଜିକ କାର୍ଯ୍ୟକର୍ତ୍ତା ଭାବେ ନିଜକୁ କେତେ ତ୍ୟାଗ ଓ ସମର୍ପଣ କରିବା ଆବଶ୍ୟକ, ସେତିକି ତ୍ୟାଗ ଓ ବଳିଦାନ ନିଜ ଗାଁ ପାଇଁ ଗ୍ରାମବାସୀଙ୍କ ଆବଶ୍ୟକ ଯାହା କାହ୍ନୁ ଗୁଡ଼ା ଗାଁକୁ ଦେଖିଲେ ଯେ କିଏ ଅନୁଭବ କରି ପାରିବେ । ଦୀର୍ଘ ଦେଢ଼ ବର୍ଷରୁ ଊର୍ଦ୍ଧ୍ୱ ହେଲା କାଶିପୁର ବ୍ଲକ୍ ଗୋରଖପୁର ପଞ୍ଚାୟତର କାହ୍ନୁଗୁଡ଼ା ଗାଁ ଜଣେ ସାମାଜିକ କାର୍ଯ୍ୟକର୍ତ୍ତା ପାଇଁ କର୍ମଭୂମି ପାଲଟି ଯାଇଛି । ଗାଁ ସମ୍ପୂର୍ଣ୍ଣ ନିଶା ମୁକ୍ତ, ଗୋ ମାଂସ ଭକ୍ଷଣ ମୁକ୍ତ ,ସକାଳେ ଓ ସନ୍ଧ୍ୟାରେ ପ୍ରାର୍ଥନା,ଧ୍ୟାନ,ଯୋଗ ପ୍ରାଣାୟାମ, ସାପ୍ତାହିକ ଗାଁ ସଫେଇ, ସାପ୍ତାହିକ ଗାଁ ସଭା, ଜୈବିକ କୃଷିକୁ ପ୍ରାଧାନ୍ୟ,ସମ୍ପୂର୍ଣ୍ଣ ଗାଁକୁ ନିରକ୍ଷର ମୁକ୍ତ,ଦାଦନ ମୁକ୍ତ, ଯୁବକ ଓ ମହିଳାଙ୍କୁ ସ୍ୱାବଲମ୍ବନ କରିବା, ଗାଁରେ ଭାଇଚାରା ସ୍ଥାପନ କରିବା, ଅହିଂସାକୁ ଅସ୍ତ୍ର କରି ନିଜ ମୌଳିକ ଓ ସାମ୍ବିଧାନିକ ଅଧିକାର ହାସଲ ପାଇଁ ସଂଘର୍ଷ କରିବା କୌଶଳକୁ ଆପଣେଇ ଏବେ ବିକାଶର ପଥେ କାହ୍ନୁଗୁଡ଼ା ଗାଁ ।

## ନିଶା ମୁକ୍ତ ପାଇଁ ସଂକଳ୍ପ

ଏକଦା ଯେଉଁ ଗ୍ରାମ ମଦର ଅନ୍ଧକାରରେ ଡୁବି ରହିଥିଲା, ସେଇ ଗ୍ରାମରେ ଏବେ ସଚେତନତାର ଆଲୋକ ପ୍ରବେଶ କରିଛି । ଗ୍ରାମବାସୀ ଏବେ ଗର୍ବର ସହିତ କହୁଛନ୍ତି – "କାହ୍ନୁଗୁଡ଼ା ହେଉଛି ନିଶା ମୁକ୍ତ ଗ୍ରାମ ।" ତେବେ ଗାଁକୁ ସଂପୂର୍ଣ୍ଣ ନିଶାମୁକ୍ତ କରିବା ନିମନ୍ତେ ଅନେକ ସଂଘର୍ଷ କରିବାକୁ ପଡ଼ିଥିଲା । ନିଶା ମୁକ୍ତ ସହିତ ଗାଁରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ, ଗମନାଗମନର ବିକାଶ ପାଇଁ ମଧ୍ୟ ଗ୍ରାମବାସୀଙ୍କ ଅକୁଣ୍ଠ ସହଯୋଗ ଓ ପରିଶ୍ରମ ରହିଛି । ପ୍ରଥମେ ଗାଁର ଛୋଟ ଛୋଟ ଶିଶୁ ଓ ଯୁବ ଗୋଷ୍ଠୀଙ୍କ ସ୍ୱାସ୍ଥ୍ୟ ଓ ଶାରୀରିକ ବିକାଶ ପାଇଁ ଯୋଗ ପ୍ରାଣାୟମ ଶିକ୍ଷା ଦିଆଯାଇଥିଲା । ପ୍ରତିଦିନ ସକାଳ ଓ ସନ୍ଧ୍ୟା ଈଶ୍ୱରଙ୍କୁ ପ୍ରାର୍ଥନା ଅଭ୍ୟାସ କରାଯାଉଥିଲା । ଗାଁ ଲୋକଙ୍କ ମନରେ ସ୍ଥିରତା ଆଣି ଗାଁ ଓ ମାଟି ପ୍ରତି ପ୍ରତିବଦ୍ଧତା ଆଣିବା ଓ ମାତୃଭୂମି ପ୍ରୀତି ଜାଗ୍ରତ କରିବାର ଲକ୍ଷ୍ୟ ଥିଲା ପ୍ରଥମ ସୋପାନର ପଦେକ୍ଷପ । ଦ୍ୱିତୀୟ ସୋପାନରେ ସମ୍ପୂର୍ଣ୍ଣ ଗାଁକୁ ନିଶା ମୁକ୍ତ କରିବା ଗ୍ରାମସଭାରେ ସର୍ବସମ୍ମତି କ୍ରମେ ଐତିହାସିକ ପଦକ୍ଷେପ ନେଇଥିଲେ ଗ୍ରାମବାସୀ । ସମାଜସେବୀ ବଳରାମ ପଣ୍ଡାଙ୍କ ପରାମର୍ଶ କ୍ରମେ ଏହା ଥିଲା ଗାଁ ପାଇଁ ଏକ ବୈପ୍ଳବିକ ନିଷ୍ପତ୍ତି । ସ୍ୱାସ୍ଥ୍ୟଗତ ସୁରକ୍ଷା ଦୃଷ୍ଟିରୁ ନିଶା ମୁକ୍ତ ପରେ ଗାଁକୁ ଅଖାଦ୍ୟ (ଗୋମାଂସ) ଭୋଜନ ମୁକ୍ତ କରିବାରେ ଆଉ ଏକ ସଫଳ ରୂପାୟନ ଥିଲା ।



## ଅହିଂସା ମାର୍ଗରେ ପଦଯାତ୍ରା



ଜାନୁଆରୀ ମାସର ଘନ କୁହୁଡ଼ି ଆଉ ହାଡ଼ଭଙ୍ଗା ଶୀତକୁ ଖାତିର ନକରି ଖୋଲା ଆକାଶ ତଳେ ଏକାଠି ହୁଅନ୍ତି କାହ୍ନୁଗୁଡ଼ା ସମସ୍ତ ଗ୍ରାମବାସୀ । ଯେଉଁଠି ନିଷ୍ପତ୍ତି ହୁଏ ଗାଁଠାରୁ କାଶିପୁର ବ୍ଲକ୍ ଯାଏଁ (୨୫କିମି) ପଦଯାତ୍ରା କରାଯିବ । ଯେଉଁ ପଦଯାତ୍ରାରେ ନା ରହିବ ଅହଂକାର ସାମର୍ଥ୍ୟର ଉଦଣ୍ଡ ନୃତ୍ୟ, ନା ରହିବ ଠେଙ୍ଗା ବାଡ଼ି ଲାଠିର ପ୍ରଦର୍ଶନୀ , ନା ରହିବ ପ୍ରଶାସନ ଓ ସରକାରଙ୍କୁ କିମ୍ବା କୌଣସି ରାଜନୈତିକ ଦଲାଲଙ୍କୁ ଗାଳି ଓ ଭର୍ତ୍ସନା । ସମ୍ପୂର୍ଣ୍ଣ ଅହିଂସା ମାର୍ଗରେ ପଦଯାତ୍ରା ଅନୁଷ୍ଠିତ ହେବ ଆଉ ପ୍ରଶାସନଠାରୁ ନିଜ ମୌଳିକ ଅଧିକାରକୁ ଛଡ଼େଇ ଆଣିବା ଯାଏଁ ଧାରଣା ଦିଆଯିବ ବୋଲି ସଭାରେ ସମସ୍ତେ ଏକମତ ହୁଅନ୍ତି । ୨୦୨୫ ଜାନୁଆରୀ ୨୪ ତାରିଖରେ ସକାଳର ଉଦିତ ସୂର୍ଯ୍ୟ କିରଣରୁ ଆରମ୍ଭ ହୋଇଥିବା ପଦଯାତ୍ରା ସନ୍ଧ୍ୟାର ଅସ୍ତଗାମୀ ସୂର୍ଯ୍ୟ କିରଣ ସହିତ ସମାପ୍ତ ହୋଇଥିଲା । ଏହା ପୂର୍ବରୁ ଯେଉଁ ପ୍ରଶାସନ କାମ କରିବା ତ ଦୂରର କଥା ଲୋକଙ୍କ ସମସ୍ୟା ବି ଶୁଣୁ ନଥିଲା, ସେହି ପ୍ରଶାସନ ପଦଯାତ୍ରାର ପୂର୍ବ ଦିନ ସନ୍ଧ୍ୟାରେ ଗାଁ ସ୍କୁଲରେ ଶିକ୍ଷକ ନିଯୁକ୍ତି, ପିଇବା ପାଣି ପାଇଁ ତିନୋଟି ଗଭୀର ନଳକୂପ ଖୋଳାଇବା ବ୍ୟବସ୍ଥା କରିଥିଲେ । ତେବେ ମୂଳ ସମସ୍ୟା ପୋଲ ଲାଗି କିଛି ବ୍ୟବସ୍ଥା କରି ନଥିଲେ । ତେଣୁ ଗାଁ ଲୋକ କାଶିପୁର ବ୍ଲକ୍ ଆଗରେ ଆରମ୍ଭ କଲେ ଦିବାରାତ୍ର ଧାରଣା, ନୀରବ ପ୍ରତିବାଦ, ରାମଧୂନରେ ଶିହରଣ ଖେଳି ସାରା ଅଞ୍ଚଳ । ସେହି ଦିନ ରାତିର ଲଗାଣ ବର୍ଷା ଯେମିତି ଲୋକଙ୍କ ମନୋବଳକୁ ଦୁଇଗୁଣିତ କରୁଥିଲା । ଛୋଟ ଛୋଟ ଛୁଆମାନେ ଯେତେବେଳେ ହାଡ଼ଭଙ୍ଗା ଶୀତରେ ରାସ୍ତାରେ ବସି ରାମଧୂନ ଗାଉ ଥିଲେ, ସତେ ଯେମିତି ଦେହରେ ଏକ ବିଜୟର ଶିହରଣ ଖେଳିଯାଉଥିଲା । ଲୋକଙ୍କ ନିଷ୍ପତ୍ତି ଥିଲା ଅଧିକାର ବିନା ଘରକୁ ଫେରିବା ନାହିଁ । ୩୬ ଘଣ୍ଟାର ଧାରଣା ପରେ ଆସି ପହଞ୍ଚିଥିଲେ ରାୟଗଡ଼ା ଉପ ଜିଲ୍ଲାପାଳ । ଆଉ ଲିଖିତ ପ୍ରତିଶ୍ରୁତି ଦେଇ ଥିଲେ କି ଫେବୃୟାରୀ ୧୮ ତାରିଖ ପୂର୍ବରୁ ସବୁ ସମସ୍ୟାର ସମାଧାନ କରାଯିବ । ୧୫ ଦିନ ମଧ୍ୟରେ ନଦୀରେ ପୋଲ ତିଆରି କାର୍ଯ୍ୟ ଆରମ୍ଭ ହେବ । ଆଉ ଏଠୁ ଅନ୍ତ ହେଲା ଏହି ସତ୍ୟାଗ୍ରହ । ତେବେ ଧୈର୍ଯ୍ୟ ଓ ଏକତାର ଶକ୍ତି କିଭଳି ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରାକୁ ଭଙ୍ଗ କରିଦିଏ, ତାହା ଥିଲା ଏହି ଅହିଂସାତ୍ମକ ଜନଆନ୍ଦୋଳନ ।

ସଂଗ୍ରାମ ସରିନାହିଁ କି ସରିବ ନାହିଁ । ଅସତ୍ୟ ବିରୁଦ୍ଧରେ ସତ୍ୟର, ଅନ୍ୟାୟ ବିରୁଦ୍ଧରେ ନ୍ୟାୟର, ପାପ ବିରୁଦ୍ଧରେ ପୁଣ୍ୟର ସଂଘର୍ଷ ଯୁଗେ ଯୁଗେ ହୋଇ ଆସିଛି । ଶେଷରେ ବିଜୟ ହୋଇଛି ସତ୍ୟ, ନ୍ୟାୟ ଏବଂ ପୁଣ୍ୟର । ଏହା ପ୍ରମାଣିତ କରି ଦେଖାଇଛନ୍ତି କାହ୍ନୁଗୁଡ଼ାବାସୀ । ନିଜର ଅଧିକାର ହାସଲ ପାଇଁ ସମସ୍ତ ରାଜନୈତିକ ଦଳ କିମ୍ବା ତଥାକଥିତ ନେତାଙ୍କ ନିକଟରେ ଗୁହାରି ନୁହେଁ, କି କାହା ବିରୋଧରେ ଅଭିଯୋଗ ନୁହେଁ, ବରଂ ନିଜର ଗଣତାନ୍ତ୍ରିକ ସାମର୍ଥ୍ୟକୁ ମଜଭୁତ କରି ନିଜ ଅଧିକାର ପାଇଁ ଲଢ଼ି ନିଜ ଗାଁର ବିକାଶ କରିବା ହେଉଛି ଆମର ପରମ କର୍ତ୍ତବ୍ୟ । ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି କାହ୍ନୁଗୁଡ଼ା ଗାଁ । ଦୀର୍ଘ ଦିନର ସାଧନା ବଳରେ ସମାଜସେବୀ ବଳରାମ ପଣ୍ଡା ଆଜି କାହ୍ନୁଗୁଡ଼ା ଗ୍ରାମବାସୀଙ୍କୁ ଯେଉଁ ଶିକ୍ଷା ଦେଇଛନ୍ତି ତାହା ଅତୁଳନୀୟ । ଆଜି ସମଗ୍ର ଗାଁର ସାମାଜିକ,ଆଧ୍ୟାତ୍ମିକ ଓ ରାଜନୀତିକ କାର୍ଯ୍ୟକଳାପ ବିଷୟରେ ଗାଁ ବାସିନ୍ଦା ହିଁ ଗ୍ରାମସଭା ମାଧ୍ୟମରେ ନିଷ୍ପତି ନେଉଛନ୍ତି ଯାହା ଜିଲ୍ଲାର ଅନ୍ୟ କୌଣସି ସ୍ଥାନରେ ଦେଖିବା ବିରଳ ।








# ଖଟରେ ଶୁଅନ୍ତିନି କୋଟଗାଁବାସୀ

ଘନଶ୍ୟାମ ଭୋଇ, ନୂଆପଡ଼ା

ବର୍ତ୍ତମାନ ବିଜ୍ଞାନର ଯୁଗରେ ମଣିଷ ଖାଇବା, ଶୋଇବା ଉପରେ ବେଶ୍ ଗୁରୁତ୍ୱାରୋପ କରୁଛି। ଆରାମ ଦାୟକ ନିଦ୍ରା ପାଇଁ ଆଧୁନିକ ମଣିଷ ଦାମିକା ବେଡ୍ ବା ଖଟ ବ୍ୟବହାର କରୁଛି। ତେବେ ଏମିତି ବି ଏକ ଗାଁ ରହିଛି ଯେଉଁଠି ଲୋକେ କେବେ ବି ଖଟରେ ଶୋଉ ନାହାନ୍ତି। ଭୂଇଁରେ ଚଟେଇ ପକାଇ ଶୋଇବାକୁ ପଣ କରିଛନ୍ତି। ଏଭଳି ଏକ ଗାଁ ରହିଛି ନୂଆଁପଡ଼ା ଜିଲ୍ଲାରେ। ଖଟରେ ନୁହେଁ, ଘର ଭିତରେ ଭୂଇଁ ବା ଚଟାଣରେ ଶୋଇବାକୁ ପସନ୍ଦ କରିଥାନ୍ତି। ତେବେ ଏହା ପଛରେ କ'ଣ ରହିଛି କାରଣ? କାହିଁକି ଲୋକେ ପିଢ଼ି ପରେ ପିଢ଼ି ଏହି ପରମ୍ପରାକୁ ଆପଣେଇଛନ୍ତି ତାକୁ ନେଇ ପ୍ରସ୍ତୁତ ଏହି ସ୍ୱତନ୍ତ୍ର ରିପୋର୍ଟ।

## ମାଁ ଦ୍ୱାରଶନୀଙ୍କ ଉପରେ ଅତୁଟ ବିଶ୍ୱାସ

ନୂଆପଡ଼ା ଜିଲ୍ଲା ସଦର ମହକୁମାଠାରୁ ୯୫କିମି ଦୂର ବୋଡ଼େନ ବ୍ଲକ୍ ଅନ୍ତର୍ଗତ ପ୍ରସିଦ୍ଧ ପାତାଳ ଗଙ୍ଗାର ଏକ ପଡ଼ା ଗାଁ କୋଟଗାଁ। ଭଇଁଷାଦାନୀ ପଞ୍ଚାୟତର ଏହି ଗାଁରେ ଅନ୍ୟୂନ ୬୦ ପରିବାର ବସବାସ କରନ୍ତି। ଏଠାରେ ନବେ ପ୍ରତିଶତ ଲୋକ ଭୁଞ୍ଜିଆ ସଂପ୍ରଦାୟର। ଏମାନଙ୍କ ଜୀବିକାର୍ଜନ ପନ୍ଥା ହେଉଛି ଚାଷ କାର୍ଯ୍ୟ। ଏପରିକି ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ସେମାନେ ପରିବାର ପ୍ରତିପୋଷଣ କରିଥାନ୍ତି। ଗ୍ରାମବାସୀଙ୍କ କହିବାନୁଯାୟୀ ଆଜିକୁ ସାତ ପିଢ଼ି ହେବ ଏଠାକୁ କୁଟିଆ ସଂପ୍ରଦାୟର ଲୋକେ ଆସି ବସବାସ କରୁଥିଲେ। କାଳକ୍ରମେ ତାଙ୍କର ଉତ୍ତର ପିଢ଼ି ଭୁଞ୍ଜିଆ ସଂପ୍ରଦାୟ ନାମରେ ନାମିତ ହେଲେ। ଏଠାକାର ଅଧିଷ୍ଠାତ୍ରୀ ଦେବୀ ମାଁ ଦ୍ୱାରଶନୀ। କିମ୍ବଦନ୍ତୀ ଅନୁସାରେ ଏଠାରେ ଏକଦା ମାଁ ଦ୍ୱାରଶନୀ ଏବଂ ତାଙ୍କର ସ୍ୱାମୀ ଗୁରୁବୁଢ଼ା ସ୍ଥାନୀୟ ଚନ୍ଦ୍ରଗିରି ପାହାଡ଼କୁ ଯାଇଥିଲେ। ସେଠାରେ ଦିନେ କାଠର ଖଟିଆରେ ବସି କିଛି ସମୟ ବିତାଇଥିଲେ। ପରବର୍ତ୍ତୀ ସମୟରେ ଖଟ ତଳେ ଏକ ଶିଶୁ ଜନ୍ମ ହୋଇଥିଲା। ଶିଶୁଟିର ନାମ ଖର୍ତ୍ତାଳି ବାବୁ ବୋଲି ନାମକରଣ କରାଯାଇଥିଲା। ସେହି ଦିନଠାରୁ ମାଁ ଦ୍ୱାରଶନୀ ଆଉ କାଠର ଖଟରେ ଶୋଇଲେ ନାହିଁ। ମାଁ ଦ୍ୱାରଶନୀଙ୍କୁ ନେଇ ପ୍ରଚଳିତ ଲୋକକଥା ଏବେ ବି ଶୁଣିବାକୁ ମିଳେ। ତେବେ ପିଢ଼ି ପରେ ପିଢ଼ି ଏହି ପ୍ରଥାକୁ ଅନୁପାଳନ କରି ଆସିଛନ୍ତି। ଏହାକୁ ଗାଁର ପ୍ରତିଶତ ଭୁଞ୍ଜିଆ ଲୋକେ ପାଳନ କରୁଥିବାବେଳେ ଅଞ୍ଚଳର ୩୦ ଖଣ୍ଡ ଗାଁରେ କମ୍ ବେଶ ରେ ପାଳନ କରୁଛନ୍ତି। ଏହି ବିଶ୍‌ବାସ ଯୋଗୁଁ ଗାଁର ଲୋକଙ୍କ ଧନଜୀବନ ମାଁ ଦ୍ୱାରଶନୀଙ୍କ ନିକଟରେ ସମର୍ପିତ କରାଯାଇଥିବା ଗ୍ରାମବାସୀ କହନ୍ତି। ବର୍ଷ ବର୍ଷ ଧରି ସେମାନେ ସବୁଦିନ ତଳେ ଶୋଇ ଆସୁଛନ୍ତି, ହେଲେ କୌଣସି ପ୍ରକାର ବିପଦ ପଡ଼ିନାହିଁ, ସବୁ କିଛି ମାଁ ଦ୍ୱାରଶନୀଙ୍କ କୃପା ଏବଂ ଛତ୍ର ଛାୟାତଳେ ରହିଆସିଛି ବୋଲି ଗାଁ ଲୋକେ ପ୍ରକାଶ କରିଛନ୍ତି।



### "ମାଁଙ୍କ ପାଖରେ ଆମେ ସମର୍ପିତ"



ମୁଁ ବାପ ଅଜାଙ୍କ ପରେ ମାଁ ଦ୍ୱାରଶନୀଙ୍କ ଶୀରା (ପୂଜାରୀ) ଭାବରେ ପୂଜା କରିଆସୁଛି। ଗାଁ ତଥା ଆଖପାଖ ଅଞ୍ଚଳବାସୀଙ୍କ ସୁଖଦୁଃଖ ଭଞ୍ଜନ କରୁଛନ୍ତି ମାଁ। ତାଙ୍କର ନିର୍ଦ୍ଦେଶ ମୁତାବକ ଗାଁ ଲୋକେ ତଳେ ଶୋଉଛନ୍ତି। ଘଞ୍ଚ ଜଙ୍ଗଲ ଭିତରେ ରହିଥିବା ଗାଁରେ ଶାପ, ବିଛା ଆଦି ବିଷଧର ଜନ୍ତୁ ମଧ୍ୟ ରହିଛନ୍ତି। ହେଲେ ତଳେ ଶୋଇବାକୁ କେହି ଭୟଭୀତ ହୋଇନଥାନ୍ତି। ସବୁ ଆମେ ମାଁଙ୍କ ନିକଟରେ ସମର୍ପି ଦେଇଥାଉ। କରୋନା ଭଳି ମହାମାରୀ ସମୟରେ ମାଁ ଦ୍ୱାରଶନୀ ଛତା ଭଳି ଟେକି ରହି ସୁରକ୍ଷା ଦେଇଥିଲେ। ଆମେ ଖର୍ତ୍ତାଳିଙ୍କ ଦାୟାଦ ବୋଲି ଖଟରେ ଶୋଇବା ମନା ହୋଇଥାଏ। ଗାଁକୁ ଅନ୍ୟ ସହରତଳି ଗାଁରୁ ବୋହୂମାନେ ବାହା ହୋଇ ଆସିଥାନ୍ତି। ସେମାନେ ମଧ୍ୟ ଗାଁର ପରମ୍ପରାକୁ ସମ୍ମାନ ଦେଇଥାନ୍ତି। –ତୁଳାରାମ ଚିନ୍ଦା, ପୂଜାରୀ

## ଭୂଇଁରେ ଶୋଇଲେ ଗ୍ଲାନି ଦୂର ହୁଏ

କୋଟଗାଁବାସୀ ଖଟରେ ନ ଶୋଇବା ପଛର ଆଉ ଏକ ବିଶ୍ୱାସ ରହିଛି। ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମାଁ ଦ୍ୱାରଶନୀଙ୍କ ପୂଜା ପାଠକୁ ସାତ ପୁରୁଷ ନିଜ ଜୀବନର ବ୍ରତ ବୋଲି ଗ୍ରହଣ କରିଆସିଛନ୍ତି। ମାଁଙ୍କ କୃପାରୁ କୌଣସି ବିପଦ ଅଞ୍ଚଳବାସୀଙ୍କ ଉପରେ ପଡ଼ି ନଥାଏ ବୋଲି ଗଭୀର ବିଶ୍ୱାସ ରହିଛି। ଏମିତିକି ଭୂଇଁରେ ଶୟନ କଲେ ସମସ୍ତ ପ୍ରକାର ଦୁଃଖକଷ୍ଟ, ଗ୍ଲାନି ଦୂର ହୋଇଥାଏ। ପରିବାର ତଥା ଗ୍ରାମର ସମସ୍ତ ରିଷ୍ଟ ଖଣ୍ଡନ ହୋଇଥାଏ ବୋଲି ରୀତି ରହି ଆସିଛି। ତେଣୁ କୋଟଗାଁବାସୀ ପିଢ଼ି ପରେ ପିଢ଼ି ଖଟରେ ନଶୋଇ ଭୂଇଁ ଉପରେ ଶୋଇଥାନ୍ତି। ମାଁ ଦ୍ୱାରଶନୀଙ୍କ ପ୍ରତି ଗଭୀର ଭକ୍ତି ଓ ବିଶ୍ୱାସ ହେଉ କି ପୂର୍ବ ପୁରୁଷଙ୍କ ପରମ୍ପରା ହେଉ ଏହି ଗାଁର ଲୋକେ କେବେ ହେଲେ ଖଟରେ ଶୋଇବାକୁ ପସନ୍ଦ କରି ନଥାନ୍ତି। ■

### "ସଂସ୍କୃତିକୁ ସମ୍ମାନ ଦେବା ଜରୁରି"



ଗାଁରେ ପ୍ରଥମେ କୁଟିଆ ସଂପ୍ରଦାୟର ଲୋକ ଆସି ବସବାସ କରିଥିଲେ ବୋଲି ଗାଁର ନାଁ କୋଟଗାଁ ହୋଇଛି। କୋଟଗାଁ ଭୁଞ୍ଜିଆ ସଂପ୍ରଦାୟର ଟେକ ରଖିଛି। ଆଜି ସଭ୍ୟ ସମାଜ ଯେତିକି ଆଗକୁ ଯାଇଛି। ଆମେ ପାଠ ପଢ଼ି ଶିକ୍ଷକ ହୋଇଛୁ। ଗାଁରୁ ବହୁ ଶିକ୍ଷିତ ପରିବାର ଜିଲ୍ଲା ତଥା ରାଜ୍ୟ ବାହାରେ ଚାକିରି ମଧ୍ୟ କରୁଛନ୍ତି। ହେଲେ ଗାଁର ସଂସ୍କୃତି ଏବଂ ପରମ୍ପରାକୁ ସମ୍ମାନ ଦେଇଛୁ ବୋଲି ଆଜି ସମାଜରେ ନାଁ ରଖିଛୁ। ଗାଁର ଅନେକ ପ୍ରତିଭା ରାଜ୍ୟ ତଥା ଜାତୀୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ ପୁରସ୍କୃତ ମଧ୍ୟ ହୋଇଛନ୍ତି। ଆମେ ଯେତିକି ଆଗକୁ ଗଲେ ମଧ୍ୟ ଆମ ସଂସ୍କୃତିକୁ ସମ୍ମାନ ଦେବା ଜରୁରି। ଏହି ବାର୍ତ୍ତା ନିଶ୍ଚିତ ଭାବେ ସବୁ ଗାଁ ଏବଂ ସହର ପାଇଁ ପ୍ରଯୁଜ୍ୟ।

—ମୋହନ ଚିନ୍ଦା, ଶିକ୍ଷକ

# ଶିଆଳିଆ

## କବାଟ ନ ଥିବା ଗାଁ

**ସୁକାନ୍ତ ଦାଶ,** ରାଜକନିକା








ସାଂପ୍ରତି ସମାଜରେ ଚୋରି, ଡକାୟତି ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଚୋରି ପ୍ରତି ସମସ୍ତେ ସତର୍କ ହୋଇଥାନ୍ତି । ରାତିରେ ଘରେ ଶୋଇବା ପୂର୍ବରୁ ଭଲ ଭାବେ କବାଟ, ଝରକା ବନ୍ଦ କରିଥାନ୍ତି । ତେବେ ଏମିତି ଗାଁ ଅଛି,ଯେଉଁଠି କାହାରି ଘରେ କବାଟ ଲାଗି ନାହିଁ । ଏହି ଗାଁରେ କେବେ ଚୋରି ହୁଏ ନାହିଁ । କଥାଟି ଅବିଶ୍ୱାସ ମନେ ହେଉଥିଲେ ମଧ୍ୟ ସତ । ଏଭଳି ଏକ ନିଆରା ଗାଁ ହେଉଛି କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକର ଶିଆଳିଆ । ବର୍ଷ ବର୍ଷ ଧରି ପିଢ଼ି ପରେ ପିଢ଼ି ଲୋକେ ବିନା କବାଟରେ ରହି ଆସୁଛନ୍ତି । ମା' ଖରାଖାଇଙ୍କ ଆଶିଷ ଯୋଗୁଁ ଏହି ଗାଁରେ କେବେ ଚୋରି ହୁଏ ନାହିଁ ବୋଲି ଗ୍ରାମବାସୀଙ୍କ ଗଭୀର ବିଶ୍ୱାସ ରହିଛି । ଏହି ବିଶ୍ୱାସ ହିଁ ଶିଆଳିଆକୁ ଦେଇଛି ଏକ ସ୍ୱତନ୍ତ୍ର ପରିଚୟ ।

### ମା' ଖରାଖାଇଙ୍କ କରୁଣା

ସାରା ଭାରତରେ ଦ୍ୱିତୀୟ ଏବଂ ଓଡ଼ିଶାରେ ପ୍ରଥମ ଗାଁ ଭାବରେ ଶିଆଳିଆର କାହାରି ଘରେ କବାଟ ନ ରହିବା ନିଶ୍ଚିତ ଭାବରେ ବିସ୍ମୟ ସୃଷ୍ଟି କରେ । ଆଜିର ଅପରାଧ ପ୍ରବଣ ସମାଜରେ କାଠ କବାଟ, ଲୁହାର ଗ୍ରୀଲ୍ ବା ରିମୋର୍ଟରେ ପରିଚାଳିତ ଡିଜିଟାଲ୍ କବାଟକୁ ଭାଙ୍ଗି ଲୁଟ୍ କରି ନେଉଛନ୍ତି ଚୋରମାନେ । ଏପରିକି ଘର ମାଲିକଙ୍କୁ ଆକ୍ରମଣ କରି ସର୍ବସ୍ୱ ଲୁଟି ନେଉଛନ୍ତି । ଏଭଳି ଖବର ଆମକୁ ପ୍ରତି ମୁହୂର୍ତ୍ତରେ ଭୟଭୀତ କରୁଛି । ତେବେ ରାଜକନିକା ବ୍ଲକ୍‌ର ଏହି ଗାଁ ଯେଉଁଠି କାହାରି ଘରେ କବାଟ ନ ରହି ସ୍ୱାଭାବିକ ଜୀବନ ଜୀଇଁବାର ପରମ୍ପରା ବେଶ୍ କୌତୁହଳ ମନେ ହୁଏ । ଏପରିକି ମନ ଭିତରେ ଅନେକ ପ୍ରଶ୍ନ ସୃଷ୍ଟି କରେ । ଆଜି ପର୍ଯ୍ୟନ୍ତ ଏହି ଗାଁରେ କୌଣସି ଘରୁ ଚୋରି ହୋଇନାହିଁ । ଗାଁର ଅଧିଷ୍ଠାତ୍ରୀ ଦେବୀ ମା' ଖରାଖାଇଙ୍କ ଅପାର କରୁଣାର ଅଭୟ ଆଶିଷରେ ସମର୍ପିତ ହୋଇ ନିଜକୁ ପିଢ଼ି ପରେ ପିଢ଼ି ବିନା କବାଟରେ ଜୀବନ ନିର୍ବାହ କରିଆସୁଛନ୍ତି ଗ୍ରାମବାସୀ । ବର୍ତ୍ତମାନ ଆକର୍ଷଣର କେନ୍ଦ୍ର ପାଲଟିଥିବା ଏହି ଗାଁକୁ ନ ଦେଖିଲେ ଲୋକେ ବିଶ୍ୱାସ କରିପାରିବେ ନାହିଁ ।

### ଶବାଳୟରୁ ଶିଆଳିଆ

ଯଦିଓ ପାରମ୍ପରିକ ଭାବରେ ମା' ଖରାଖାଇ ମନ୍ଦିର ଭିତରେ ନ ରହି ମୁକ୍ତାକାଶରେ ଏକ ଶବ ଉପରେ ଛିଡ଼ା ହୋଇ ରହିବା, ମା' ଛିଡ଼ା ହୋଇଥିବା ଶବର ଉଭୟ ପଟରୁ ଶିଆଳ ଓ କୁକୁର ଶବକୁ ଭିଡୁଥିବା ବେଳେ ମା' ସେହି ରୂପରେ ଏକ କବାଟକୁ ଆଉଜି ଛିଡ଼ା ହୋଇଥିବାର ମୁଦ୍ରାର ବିଶେଷତ୍ୱରୁ ଗାଁର ନାଁ ଶବାଳୟ, ଶିବାଳୟ ଓ ପରେ ଶିବାଳିଆ ହୋଇ ଅପଭ୍ରଂଶରେ ଶିଆଳିଆ ନାମରେ ଉଚ୍ଚାରିତ ହେଉଥିବା କୁହାଯାଏ । ତେବେ ଏହି ନାମକରଣ ସଠିକ୍ କାରଣ ଏବେ ବି ଅଜ୍ଞାତ ରହିଛି । ତେବେ ଆଜିର ଚୌର୍ଯ୍ୟବୃତ୍ତି ମାନସିକତାକୁ ପ୍ରତିହତ କରିବାରେ ଅସମର୍ଥ ସାମାଜିକ ଜୀବନରେ ମା'ଙ୍କ ଦୟାରୁ, ମା'ଙ୍କୁ ଭରସା କରି ଘରର ମୁଖ୍ୟଦ୍ୱାର ସହ କୌଣସି ବି ବଖରାରେ କବାଟ ନ ଲାଗିବା ଏବଂ ଆଶ୍ଚର୍ଯ୍ୟଜନକ ଲାଗେ ।

### ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି ଶିଆଳିଆ

ଶିଆଳିଆ ଗାଁରେ କୌଣସି ଚୋରି ନ ହେବାର ପ୍ରାମାଣିକ ସରକାରୀ ତଥ୍ୟ ଆଧାରରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ, ସଂସ୍କୃତି ବିଭାଗର ନଜର ପଡ଼ିବା ସହ ପ୍ରତିବର୍ଷ ଏହି ପୀଠକୁ ଛୁଟି ଆସୁଥିବା ହଜାର ହଜାର ପର୍ଯ୍ୟଟକଙ୍କୁ ସୁବିଧା ଦେବାକୁ ଜନସାଧାରଣରେ ଦାବି ହୁଏ । ନିଜ ନିଜ ଅଞ୍ଚଳର ଗାରିମାକୁ ବିକଶିତ କରାଇ ଓଡ଼ିଶାର ପ୍ରାୟ ସମସ୍ତ ଐତିହାସିକ କୀର୍ତ୍ତିରାଜି, ଧାର୍ମିକ କ୍ଷେତ୍ର, ପର୍ଯ୍ୟଟନସ୍ଥଳ, ଅବସର ବିନୋଦନ କ୍ଷେତ୍ରର ଆଖିଦୃଶିଆ ବିକାଶ କରାଯାଉଛି । ତେବେ କବାଟ ନ ଥିବା ଗାଁ ଶିଆଳିଆକୁ ପର୍ଯ୍ୟଟନ ଗାଁର ମାନ୍ୟତା ଦେଇ ଏହାର ଗାରିମାକୁ ଅଧିକ ପରିବ୍ୟାପ୍ତ କରିବାକୁ ଦାବି ହେଉଛି । ନିର୍ବାଚିତ ଜନପ୍ରତିନିଧିମାନଙ୍କ ଶୁଭ ଦୃଷ୍ଟି ଆଢୁଆଳରେ ମଧ୍ୟ ରହିଛି ଏହି ଗାଁର ମହତ୍ତ୍ୱ ।

ସାଂପ୍ରତିକ ଅପରାଧ ପ୍ରବଣ ସମାଜରେ ନିଜର ସ୍ୱତନ୍ତ୍ରତାକୁ ପ୍ରତିପାଦିତ କରିଆସିଛି କବାଟ ନ ଥିବା ଗାଁ ଶିଆଳିଆ । ଏକ ନିଆରା ଗାଁ ଭାବରେ ନିଜର ସ୍ୱକୀୟ ପରିଚିତିରେ ବିଶ୍ୱର ପର୍ଯ୍ୟଟକମାନଙ୍କୁ ଯେପରି ଆକର୍ଷିତ କରି ଆସିଛି ତା'ର ପଟାନ୍ତର ନାହିଁ । ବିନା କୌଣସି ସରକାରୀ ପ୍ରଚାର କିମ୍ବା ପ୍ରୋତ୍ସାହନରେ ନିଜ ଅବସ୍ଥିତିର ଭିନ୍ନତାକୁ ପ୍ରତିପାଦିତ କରି ଦିନକୁ ଦିନକୁ ଅଧିକରୁ ଅଧିକ ପର୍ଯ୍ୟଟକମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବାରେ ଲାଗିଛି ଏହି ବିସ୍ମୟାଭିଭୂତ ଗାଁଟି । ସାରା ଓଡ଼ିଶାର ବିବିଧ ଐତିହାସିକ, ଧାର୍ମିକ ତଥା ମହିମାମଣ୍ଡିତ ପର୍ଯ୍ୟଟନସ୍ଥଳୀଗୁଡ଼ିକର ବିକାଶ ପାଇଁ ତତ୍ପରତା ଦେଖାଉଥିବା ସରକାରୀ ବ୍ୟବସ୍ଥା ଭିତରକୁ ଏହି ଗାଁକୁ ସତେ ଯେପରି ପ୍ରଶାସନ ଭୁଲି ଯାଇଛି । ରାଜକନିକା ବ୍ଲକର କବାଟ ନ ଥିବା ଗାଁ ଶିଆଳିଆକୁ ପର୍ଯ୍ୟଟନ ସ୍ଥଳୀ ଭାବେ ମାନ୍ୟତା ଦେବା ପାଇଁ ଦାବି ହୋଇଆସୁଛି । ପର୍ଯ୍ୟଟନ କ୍ଷେତ୍ରରେ ନିଜର ଏହି ସ୍ୱତନ୍ତ୍ରତା ଦୃଷ୍ଟିରୁ ବେଶ୍ ଆକର୍ଷଣୀୟ ପାଲଟିଥିବା ଶିଆଳିଆ ଗାଁର ଭିତ୍ତିଭୂମି, ମା' ଖରାଖାଇ ପୀଠର ବିକାଶ, ରାଜ୍ୟ ରାଜପଥ ସହ ଉନ୍ନତମାନର ରାସ୍ତାଘାଟ, ବିଶ୍ରାମାଗାର, ପାନୀୟଜଳର ସୁବ୍ୟବସ୍ଥା, ଆଲୋକୀକରଣ, ଆକର୍ଷଣୀୟ ତୋରଣ, ଗାଡ଼ି ପାର୍କିଂର ବ୍ୟବସ୍ଥା ଜରୁରି ହୋଇପଡ଼ିଛି । ତେବେ ନା ନା ଅସୁବିଧା ସତ୍ତ୍ୱେ କବାଟ ନଥିବା ଗାଁ ଭାବରେ ଶିଆଳିଆ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।



# ଗାଁରେ କ୍ଷୀର ଖାଇବା ମନା

ଅଶୋକ ମିଶ୍ର, ମାଲକାନଗିରି



ହିନ୍ଦୁ ଧର୍ମରେ ଗୋମାତା ଭାବେ ଗାଈଙ୍କୁ ପୂଜା କରାଯାଏ। ଭାରତୀୟ ସଂସ୍କୃତିରେ ଗୋମାତାଙ୍କ ଭୂମିକା ଅନନ୍ୟ। ସାଧାରଣତଃ ଲୋକେ ଗୋ ପାଳନ କରି କ୍ଷୀର ସଂଗ୍ରହ କରି ଜୀବିକା ନିର୍ବାହ କରନ୍ତି। ଆମ ଦେଶରେ ବିଭିନ୍ନ ଅଞ୍ଚଳର ଲୋକେ ଗୋପାଳନ କରି ପରିବାର ପ୍ରତିପୋଷଣ କରୁଛନ୍ତି। ତେବେ ଆମ ସମାଜରେ ଏମିତି ଲୋକ ଅଛନ୍ତି, ଯେଉଁମାନେ ଗୋପାଳନ କରୁଛନ୍ତି ସତ, କିନ୍ତୁ କେବେ କ୍ଷୀର ଦୁହି ନାହାନ୍ତି କି କେବେ କ୍ଷୀରକୁ ଖାଦ୍ୟ ରୂପେ ଗ୍ରହଣ କରୁ ନାହାନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳେ ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳରେ। ସେମାନେ କେଉଁ କାରଣରୁ ଏହିପରି କରୁଛନ୍ତି ତାହା ଯଦିଓ ସ୍ପଷ୍ଟ ହୋଇ ନାହିଁ, କିନ୍ତୁ ସ୍ୱାଭିମାନ ଅଞ୍ଚଳରେ ରହୁଥିବା ୭ଟି ପଞ୍ଚାୟତର ଗ୍ରାମବାସୀମାନେ ଏକ ଅଦ୍ଭୁତ ବିଶ୍ୱାସକୁ ନେଇ ଆଜି ଯାଏଁ ଚଳି ଆସିଛନ୍ତି।

## ଗୋପାଳନ କରୁଛନ୍ତି; କ୍ଷୀର ସଂଗ୍ରହ କରୁ ନାହାନ୍ତି

କ୍ଷୀର ହେଉଛି ଏକ ପୁଷ୍ଟିକର ଖାଦ୍ୟ। ତେଣୁ ପିଲାମାନଙ୍କଠାରୁ ବୃଦ୍ଧଙ୍କ ପର୍ଯ୍ୟନ୍ତ ସବୁ ବୟସର ଲୋକଙ୍କ ପାଇଁ କ୍ଷୀର ଏକ ଗୁରୁତ୍ୱପୂର୍ଣ୍ଣ ଖାଦ୍ୟ। ସୁସ୍ଥ ଜୀବନ ପାଇଁ କ୍ଷୀର ଖାଇବା ଆବଶ୍ୟକ। ତେଣୁ ସର୍ବଦା କ୍ଷୀର ଚାହିଦା ରହିଆସିଛି। କେହି କେହି ବଜାରରୁ କ୍ଷୀର କିଣି ଥାଆନ୍ତି ତ ଆଉ କେହି କେହି ଗୋପାଳନ କରି କ୍ଷୀର ଖାଇବା ସହିତ ବଜାରରେ ବିକ୍ରି କରି ଦୁଇ ପଇସା ରୋଜଗାର କରିଥାନ୍ତି। ସ୍ୱାବଲମ୍ବୀ ହେବା ସହିତ ଅର୍ଥ ଉପାର୍ଜନ କରିବାର ଏକ ମାଧ୍ୟମ ହେଉଛି ଗୋପାଳନ। ତେଣୁ ଆଜିକାଲି ଅନେକ ଲୋକ ଗୋପାଳନ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ତେବେ ଆମ ରାଜ୍ୟର ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳର ଲୋକେ ଗୋପାଳନ କରନ୍ତି, ଅଥଚ କ୍ଷୀର ଖାଆନ୍ତି ନାହିଁ କି ବିକ୍ରି କରନ୍ତି ନାହିଁ। ଯୋଡ଼ା ଆମ୍ବ, ପଣସପୁଟ, ଯନ୍ତ୍ରୀ, ଦାରଲାବେଢ଼ା, ବଡ଼ପଦର, ପାପରମେଟଲା ଆଦି ସାତୋଟି ପଞ୍ଚାୟତର ଗ୍ରାମବାସୀମାନେ ନିଜ ନିଜ ଘରେ ଗାଈ ପାଳନ୍ତି। ସାଧାରଣ ଲୋକେ ଗାଈଟିଏ ପାଳିଲେ ତା' ପାଖରୁ କ୍ଷୀର ତଥା କ୍ଷୀରରୁ ଲହୁଣି, ଦହି ଭଳି ଦ୍ରବ୍ୟ ଆଦାୟ କରି ନିତିଦିନିଆ ଖାଦ୍ୟରେ ସାମିଲ କରିଥାନ୍ତି। ତେବେ ଆଶ୍ଚର୍ଯ୍ୟର କଥା, ଏହି ପଞ୍ଚାୟତ ଗୁଡ଼ିକରେ ରହୁଥିବା ଗ୍ରାମବାସୀମାନେ ଗାଈ ପାଳିଛନ୍ତି ସତ, କିନ୍ତୁ କେହି କେବେ ମଧ୍ୟ କ୍ଷୀର ଦୁହିଁ ନଥାନ୍ତି। ରାତି ପାହିଲେ ଗାଈ ସବୁକୁ ଚରିବା ପାଇଁ ଛାଡ଼ି ଦେଇଥାନ୍ତି। ଫେରିବା ପରେ ଗାଈରୁ କ୍ଷୀର ଦୁହାଁ ହୋଇ ନଥାଏ। ଗାଈଟି ଯେତେ ଦୁଧିଆଳି ହେଉ ପଛକେ ତା'ର ପହ୍ନାରେ ହାତ ମାରି ନଥାନ୍ତି।




## ପରମ୍ପରା ନା ଅନ୍ଧବିଶ୍ୱାସ

ସ୍ୱାଭିମାନ ଅଞ୍ଚଳର ସାତୋଟି ପଞ୍ଚାୟତବାସୀ କାହିଁକି ଏବଂ କେଉଁ କାରଣରୁ କ୍ଷୀର ଖାଆନ୍ତି ନାହିଁ ସେ ସଂପର୍କରେ କାହାରି ପାଖରେ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ। ତେବେ ସେମାନେ ସ୍ୱୀକାର କରନ୍ତି ଯେ, ପୁରୁଷ ପୁରୁଷ ଧରି ଏହି ଅଞ୍ଚଳର ଗ୍ରାମ ଗୁଡ଼ିକରେ ଏହା ପରମ୍ପରା କ୍ରମେ ଚଳି ଆସୁଛି। ଅନ୍ଧବିଶ୍ୱାସ ହେଉ ବା ଦେବଦେବୀଙ୍କୁ ସନ୍ତୁଷ୍ଟ କରିବାକୁ ହେଉ ଏହାକୁ ଏକ ବିଧିବଦ୍ଧ ନିୟମ ରୂପେ ପାଳି ଆସୁଛନ୍ତି। ଏହିଭଳି ଏକ ଅଜବ ନିୟମକୁ ନେଇ ବଞ୍ଚୁଥିବା ସ୍ୱାଭିମାନ ଅଞ୍ଚଳର ଗ୍ରାମବାସୀମାନେ ଆର୍ଥିକ କ୍ଷତି ସହୁଥିବା ପ୍ରାଣୀ ବିଶେଷଜ୍ଞମାନେ ମତ ଦିଅନ୍ତି। ସେମାନଙ୍କ କହିବା ଅନୁଯାୟୀ, ଆଦିବାସୀ ସଂପ୍ରଦାୟର ଲୋକମାନେ ସରଳ ବିଶ୍ୱାସୀ, କିଛି ପୌରାଣିକ କଥା ପାଇଁ ଏପରି କ୍ଷୀର ଗ୍ରହଣ କରୁ ନଥିବା ଜଣା ପଡ଼ିଛି। କିନ୍ତୁ ଏହାଦ୍ୱାରା ସେମାନଙ୍କର ଆର୍ଥିକ ମାନଦଣ୍ଡରେ ମଧ୍ୟ ବାଧା ସୃଷ୍ଟି ହେଉଛି। କ୍ଷୀର ଦୁହିଁ ବିକ୍ରି କରିବା ଫଳରେ ସେମାନେ ଆର୍ଥିକସ୍ତରରେ ଯେଉଁଭଳି ଭାବେ ଲାଭବାନ ହୋଇଥାନ୍ତେ ସେଥିରୁ ବଞ୍ଚିତ ହେଉଛନ୍ତି। ଏକଥା ସତ ଯେ ବାଛୁରିମାନେ ଯଥେଷ୍ଟ ପରିମାଣରେ କ୍ଷୀର ପିଇବାକୁ ପାଉଥିବାରୁ ସେମାନେ ହୃଷ୍ଟପୁଷ୍ଟ ହୋଇଥାନ୍ତି। କିନ୍ତୁ ଅନ୍ୟଦିଗରେ ସେମାନଙ୍କର ନିଜ ପୁଅଝିଅମାନେ ପୁଷ୍ଟିକର ଖାଦ୍ୟ ଖାଇବାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କୁ ଏ ସଂପର୍କରେ ସଚେତନ କରାଇବା ନିହାତି ଆବଶ୍ୟକତା ରହିଛି। କେବେ ଏବଂ କେଉଁ ପରିସ୍ଥିତିରେ ଏଭଳି ନିୟମ କରାଯାଇଛି ତାହା ଜଣା ନଥିଲେ, ମଧ୍ୟ ନିୟମକୁ ବଦଳାଇବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ■

# ଆତ୍ମନିର୍ଭର ଗାଁ କୁହିମୁଣ୍ଡା







**ଅଭିଳାଷ ହୋତା, ବଲାଙ୍ଗିର**

ଜଙ୍ଗଲ ଭିତରେ ଶାନ୍ତ ଓ ମନୋରମ ପରିବେଶ ବିଶିଷ୍ଟ ଗାଁଟିଏ ହେଉଛି କୁହିମୁଣ୍ଡା। ଆଜିକାଲି ସହରର ଚାକଚକ୍ୟକୁ ଦେଖି ଗାଁ ଲୋକ ସହରମୁହାଁ ହେଉଛନ୍ତି। ହେଲେ ଏହି ଗାଁରେ ଦେଖିବାକୁ ମିଳେ ଭିନ୍ନ ଏକ ଚିତ୍ର । ଗାଁର ପ୍ରତ୍ୟେକ ଲୋକ ଆତ୍ମନିର୍ଭରଶୀଳ ହେବାକୁ ପସନ୍ଦ କରନ୍ତି। ଏହି ଆଦର୍ଶ ଗାଁଟି ରହିଛି ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍‌ରେ। କ'ଣ ରହିଛି ଏହି ଗାଁର ବିଶେଷତ୍ୱ ତାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।

## ଗାଁରେ ନାହାନ୍ତି ଚାକିରିଆ

ଆତ୍ମନିର୍ଭର ଗାଁ' କୁହିମୁଣ୍ଡା ଗାଁର ପ୍ରାୟ ସମସ୍ତେ ଚାଷ କାର୍ଯ୍ୟ କରନ୍ତି। ଧାନ ଚାଷ ସହ ଅର୍ଥକାରୀ ଫସଲ ଭାବେ ବିଭିନ୍ନ ପନିପରିବା ଚାଷ କରିଥାନ୍ତି। ଗାଁରୁ ଉତ୍ପାଦିତ ପନିପରିବା ପ୍ରତ୍ୟହ ବଲାଙ୍ଗିର ଦୈନିକ ବଜାର ଓ ନିକଟସ୍ଥ ସାପ୍ତାହିକ ବଜାରକୁ ନେଇ ବିକ୍ରି କରିଥାନ୍ତି। ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଦୁଇ ପଇସା ରୋଜଗାର କରିଥାନ୍ତି ଗ୍ରାମବାସୀ। ଉଲ୍ଲେଖନୀୟ କଥା ହେଉଛି, କୁହିମୁଣ୍ଡାରେ ଜଣେ ମଧ୍ୟ କେହି ଚାକିରିଆ ନାହାନ୍ତି। ଚାଷ ହିଁ ଗାଁ ଲୋକଙ୍କ ଜୀବିକା। ତେଣୁ ଚାଷ ଉପରେ ନିର୍ଭର କରି ଗାଁ ଲୋକେ ସହରମୁହାଁ ହେଉ ନାହାନ୍ତି ।

## ମନୋରମ ପରିବେଶ

ଗାଁଟି ଏକ ମନୋରମ ପରିବେଶ ଭିତରେ ରହିଛି। କୁହିମୁଣ୍ଡା ଗାଁକୁ ଲାଗି ରହିଛି ସୁବିସ୍ତୀର୍ଣ୍ଣ ଜଙ୍ଗଲ। ଜଙ୍ଗଲରେ ମହୁଲ, ଚାର, କେନ୍ଦୁ ଭଳି ଅନେକ ମୂଲ୍ୟବାନ ଗଛ ରହିଛି। ଆଡ଼ି ରାସ୍ତାରେ ବଣ ଜଙ୍ଗଲ ଦେଇ ଗଲା ପରେ ଏହି ଗାଁ ପଡ଼ିଥାଏ। ଅଧିକ ପାଠୁଆ ଗାଁ ନୁହେଁ। ଅର୍ଥାତ୍ ଏଠାରେ ସେତେ ବେଶି କେହି ଉଚ୍ଚଶିକ୍ଷିତ ନାହାନ୍ତି। ତେବେ ଶିକ୍ଷିତ ଗାଁ ହୋଇ ନ ଥିଲେ ହେଁ ଆଜି ମଧ୍ୟ କୁହିମୁଣ୍ଡା ଗାଁ ଲୋକଙ୍କ ଏକତା ବଜାୟ ରହିଛି। ଜଙ୍ଗଲ ସୁରକ୍ଷା ପାଇଁ ସମସ୍ତ ଗ୍ରାମବାସୀ ଯେମିତି ପଣ କରିଛନ୍ତି ।

## ନିରବଚ୍ଛିନ୍ନ ପ୍ରୟାସ
## ସଫଳତାର ମାପକାଠି

କହିମୁଣ୍ଡାର ବିକାଶ ପଛରେ ରହିଛି ସ୍ୱୟଂ ସହାୟକ ଗୋଷ୍ଠୀର ନିରବଚ୍ଛିନ୍ନ ପ୍ରୟାସ। ୨୦୦୮ ମସିହାର କଥା। ଗାଁରେ କାମ କରୁଥିବା ମା' କାଳୀ, ମା' ରଣଘଣ୍ଟା ଓ କୁଶଳେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀ ଗାଁର ଉନ୍ନତି ପାଇଁ ମିଳିତ ପ୍ରୟାସ ଆରମ୍ଭ କରିଥିଲେ। ସେହି ବର୍ଷରୁ ଏହି ତିନି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମିଶି ବିଭିନ୍ନ ପ୍ରକାର ଚାଷ କାମ କରୁଛନ୍ତି । ୩୦ ଏକର ଜମିରେ ପନିପରିବା, ଏକ ଏକର ଜମିରେ ଗେଣ୍ଡୁ ଫୁଲ ଚାଷ କରୁଥିବା ବେଳେ ଗାଁ ପୋଖରୀରେ ମାଛ ଚାଷ ମଧ୍ୟ କରୁଛନ୍ତି। ବ୍ରୋକୋଲି, ଫୁଲକୋବି, କଲରା, ଟମାଟୋ, ବାଇଗଣ, ଲଙ୍କା, ପିଆଜ ଭଳି ଅନ୍ୟାନ୍ୟ ପନିପରିବା ଚାଷ କରି ବାର୍ଷିକ ୧୦ ଲକ୍ଷ ଟଙ୍କା ଆୟ କରିଥାନ୍ତି। ଏଭଳି ଏକ ଆତ୍ମନିର୍ଭରଶୀଳ ଗାଁ ନିହାତି ଭାବେ ସାଂପ୍ରତିକ ସମାଜ ପାଇଁ ବେଶ୍ ପ୍ରେରଣାଦାୟୀ । ଅନ୍ୟପଟେ ଅବହେଳା ଏବଂ ଅଭିଯୋଗ କରି ଉନ୍ନତିପଥେ ଆଗକୁ ବଢୁ ନ ଥିବା ଗାଁମାନଙ୍କ ପାଇଁ କୁହିମୁଣ୍ଡା ଉଦାହରଣ ପାଲଟିଛି।



## ଏକତା ଓ ଭାଇଚାରାର ଗାଁ

କୁହିମୁଣ୍ଡା ଗାଁରେ ଲୋକଙ୍କ ମଧ୍ୟରେ ଏକତା ରହିଛି। ଗାଁ ମଝିରେ ଥିବା ଏକ ଗଛମୂଳେ ସମସ୍ତେ ଏକାଠି ହୋଇଥାନ୍ତି। ବିଶେଷକରି ଗ୍ରାମର ସମସ୍ତ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ରୁଣ୍ଡ ହୋଇ ବିଭିନ୍ନ ବିଷୟ ଉପରେ ଚର୍ଚ୍ଚା କରନ୍ତି। ଏଠାରେ ଯେଉଁ ସବୁ ନିଷ୍ପତ୍ତି ହୁଏ, ସମସ୍ତେ ସମ୍ମାନର ସହିତ ଗ୍ରହଣ କରିଥାନ୍ତି । ଯଦିଓ ଗାଁରେ ବିଭିନ୍ନ ସଂପ୍ରଦାୟର ଲୋକେ ରହିଥାନ୍ତି, ତଥାପି ସମସ୍ତେ ଏକ ପରିବାର ଭଳି ମିଳିମିଶି ରହନ୍ତି। ଭାଇଚାରାର ଅପୂର୍ବ ନିଦର୍ଶନ ଦେଖିବାକୁ ମିଳେ ଗ୍ରାମବାସୀଙ୍କ ଭିତରେ। ■

## ବିଶ୍ୱାସର ପେଣ୍ଠସ୍ଥଳ ବାବା କୋଶଳେଶ୍ୱର

ଗାଁର ପ୍ରାୟ ସମସ୍ତ ଲୋକ ଶିବ ଉପାସନାରେ ବିଶ୍ୱାସ କରନ୍ତି। ଗାଁରେ କାହିଁ କେଉ କାଳରୁ ରହିଛି ବାବା କୁଶଳେଶ୍ୱରଙ୍କ ମନ୍ଦିର। ଏହି ମନ୍ଦିର ହେଉଛି ଗ୍ରାମବାସୀଙ୍କ ବିଶ୍ୱାସର ପେଣ୍ଠସ୍ଥଳ। ଏକତାର ପରିଚୟ ଦେଇ ସମସ୍ତେ ମନ୍ଦିର ବେଢ଼ାରେ ପ୍ରତିଦିନ ଏକତ୍ର ହୋଇଥାନ୍ତି। ଏହି ମନ୍ଦିରରେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପୂଜାର୍ଚ୍ଚନା ହୋଇଥାଏ। ଏଠାରେ ମୁଖ୍ୟତଃ ମହାଶିବରାତ୍ରୀ, ଶ୍ରାବଣ ପୂର୍ଣ୍ଣିମା ଆଦି ପର୍ବପର୍ବାଣି ବେଶ୍ ଧୁମ୍‌ଧାମରେ ପାଳନ କରାଯାଏ। ଏହାସହ ଏହି ସମୟରେ ଶ୍ରଦ୍ଧାଳୁଙ୍କ ଭିଡ଼ ମଧ୍ୟ ପରିଲକ୍ଷିତ ହୋଇଥାଏ। ଅନ୍ୟ ଗ୍ରାମଠାରୁ ନିଆରା ଲାଗେ ଏହି ଗାଁ। ଆତ୍ମନିର୍ଭରଶୀଳ ଗାଁ ଭାବେ କୁହିମୁଣ୍ଡା ସ୍ୱତନ୍ତ୍ର ପରିଚୟ ପାଇଛି।





# ୬୫ ସଂଗ୍ରାମୀଙ୍କ ଜନ୍ମଭୂମି ଥୁଆବାରୀ

ସ୍ୱାଧୀନତା ସଂଗ୍ରାମର କଥା ଉଠିଲେ ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ 'ଥୁଆବାରୀ' ଗାଁର ଦୃଶ୍ୟପଟ ସାମ୍ନାକୁ ଚାଲି ଆସେ । ଏହି ଗାଁ ମାଟିରେ ପାଦ ଦେଲେ ଶିହରଣ ଖେଳି ଯାଏ । ଗାଁର ୬୫ ଜଣ ସ୍ୱାଧୀନତା ସଂଗ୍ରାମୀ ଜେଲ ଯାଇଥିବା ବେଳେ ୩ ଜଣ ଜେଲ୍ ଭିତରେ ସହିଦ୍ ହୋଇଥିଲେ । ଗାଁର ପ୍ରତିଟି ମଣିଷ ନିଜକୁ ସଂଗ୍ରାମୀ ଭାବେ ପରିଚିତ କରାଇ ଜିଲ୍ଲା ଇତିହାସକୁ ରୁଦ୍ଧିମନ୍ତ କରିଛନ୍ତି । ଗାଁର କଣ୍ଠୁରୀ ପରିଡ଼ା ୧୯୩୬ ମସିହାରେ ପ୍ରଜାମଣ୍ଡଳରେ ସାମିଲ୍ ହୋଇ ସକ୍ରିୟ ଭୂମିକା ଗ୍ରହଣ କରିବା ସଙ୍ଗେ ସଙ୍ଗେ ଗ୍ରାମରେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେବା ପାଇଁ ପ୍ରେରଣା ଦେଇଥିଲେ । ପୁରୀ ଜିଲ୍ଲା ଡେଲାଙ୍ଗରେ ଗାନ୍ଧିଜୀ ଦେଶକୁ ସ୍ୱାଧୀନ କରିବାକୁ ସଭା କରିଥିଲେ । କଣ୍ଠୁରୀ ପରିଡ଼ା ଉକ୍ତ ସଭାକୁ ଯାଇ ଗାନ୍ଧୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଗାଁ ଫେରିଥିଲେ ।

**ଅନୀଲ କୁମାର ପଣ୍ଡା**, ନୟାଗଡ଼

## ସ୍ୱାଧୀନତା ସଂଗ୍ରାମ ପାଇଁ ସମର୍ପିତ

ନିଆରା ଗାଁ ଥୁଆବାରୀ । ଯେଉଁ ଗାଁର ୬୫ ଜଣ ସଂଗ୍ରାମୀ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଅଂଶ ଗ୍ରହଣ କରି ଏକ ବିରଳ ଉଦାହରଣ ସୃଷ୍ଟି କରିଥିଲେ । ଏବେ ବି ଏହି ସଂଗ୍ରାମୀଙ୍କୁ ନେଇ ଗ୍ରାମବାସୀ ଗୌରବ ଅନୁଭବ କରନ୍ତି । ପ୍ରଥମେ ସ୍ୱାଧୀନତା ସଂଗ୍ରାମୀ କଣ୍ଠୁରୀ ପରିଡ଼ା ଆହ୍ୱାନକ୍ରମେ ଥୁଆବାରୀ ଗ୍ରାମର ଆନନ୍ଦ ଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଗ୍ରାମର ଶତାଧିକ ବ୍ୟକ୍ତି ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ଇଂରେଜ ଶାସନ ବିରୁଦ୍ଧରେ ସୃଷ୍ଟି କରିଥିଲେ ଭୟଙ୍କର ବିପ୍ଳବ । ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନରେ ଥୁଆବାରୀ ଗ୍ରାମବାସୀଙ୍କ ଡାକରାରେ ନୂଆଗାଁ ଓ ବାହାଡ଼ାଖୋଲା ଅଞ୍ଚଳର ଆଦିବାସୀମାନେ ମୁଣ୍ଡ ଟେକିଥିଲେ । ଦେଶକୁ ସ୍ୱାଧୀନ କରିବା ପାଇଁ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ କରିବା ଡାକରାରେ ଗ୍ରାମବାସୀ ଏକତ୍ର ହୋଇ ଗାଁ ଛାଡ଼ି ଥିଲେ । ସଂଗ୍ରାମୀମାନେ ଗୁମ୍ମୀର ବରକୋଳା ବଙ୍ଗଳା ଘେରାଉ ଭଙ୍ଗାରୁଜା କରିଥିବା ବେଳେ ସେଠାରୁ ଆସି ନୂଆଗାଁ ଥାନାରେ ଅଗ୍ନି ସଂଯୋଗ କରି ପୁଲିସକୁ ମାଡ଼ ମାରିଥିଲେ । ତତ୍କାଳୀନ ଦାରୋଗା ବେଣୁଧର ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଇଂରେଜ ସିପାହୀ ଦଳ ବିଦ୍ରୋହୀ ନେତା ଆନନ୍ଦ ଚନ୍ଦ୍ର ସ୍ୱାଇଁଙ୍କ ଉପରକୁ ଗୁଳି ଚାଳନା କରିଥିଲେ । ତେବେ ଗୁଳିଟି ଆନନ୍ଦ ଚନ୍ଦ୍ର ସ୍ୱାଇଁଙ୍କ ଦେହରେ ନ ବାଜି କୁଶୁବିଡ଼ା ଗ୍ରାମର କଷ୍ଟି ଡାକୁଆଙ୍କ ଦେହରେ ବାଜିଥିଲା । ନୂଆଗାଁ ଥାନା ନିକଟରେ ସବୁଦିନ ପାଇଁ ସହୀଦ ହୋଇ ଯାଇଥିଲେ କଷ୍ଟି ଡାକୁଆ ।

## ଦେଶ ପାଇଁ ଜେଲ୍ ଦଣ୍ଡ

ସହୀଦ କଷ୍ଟି ଡାକୁଆଙ୍କ ଅବର୍ତ୍ତମାନରେ ଭାଙ୍ଗି ନ ପଡ଼ି ସଂଗ୍ରାମକୁ ଆହୁରି ଦ୍ୱିଗୁଣିତ କରିଥିଲେ ଥୁଆବାରୀ ଗ୍ରାମବାସୀ । ଯାହାକୁ ନେଇ ଇଂରେଜ ଦାରେଗା ଥୁଆବାରୀ ଗ୍ରାମର ସଂଗ୍ରାମୀମାନଙ୍କୁ ଜେଲ ଦଣ୍ଡ ଦେଇ କାରଗାରରେ ରଖିଥିଲେ । କାରାଗାରରେ କଣ୍ଠୁରୀ ପରିଡ଼ା, ଦୟା ବେହେରା, ବୁଦ୍ଧି ପରିଡ଼ାଙ୍କୁ ଶାରୀରିକ ନିର୍ଯାତନା ଦିଆଯିବା ସହ ବିଷାକ୍ତ ଔଷଧ ଦ୍ୱାରା ମାରି ଦିଆଯାଇଥିବା ଦାୟାଦମାନଙ୍କ ମୁହଁରୁ ଶୁଣିବାକୁ ମିଳିଛି । ଜେଲ୍ ଭୋଗ କରୁଥିବା ସଂଗ୍ରାମୀ ଲିଙ୍ଗା ନାହାକଙ୍କୁ ଜେଲ୍ ଭିତରେ ଡହଡହ ଖରାରେ ଧାନ ସିଝାଇବା ସହିତ ଦିନ ରାତି କାମରେ ଖଟାଉଥିଲେ । ଶେଷରେ ଲିଙ୍ଗା ନାହାକ ଅନ୍ଧ ହୋଇ ଘରକୁ ଫେରିବାର ଦୁଇଦିନ ପରେ ମୃତ୍ୟୁ ବରଣ କଲେ ।

## ସହୀଦ ସ୍ମୃତି ସ୍ତମ୍ଭ

ପ୍ରତ୍ୟେକ ବର୍ଷ ଅକ୍ଟୋବର ୧୦ ତାରିଖ ସହୀଦ ଦିବସରେ ସ୍ମୃତି ସ୍ତମ୍ଭ ନିକଟରେ ତୋପ ସଲାମୀ ଦିଆଯାଇ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଚାରଣ କରାଯାଉଛି । ଥୁଆବାରୀ ସ୍ୱାଧୀନତା ଗ୍ରାମକୁ 'ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ' ଭାବେ ଘୋଷଣା କରାଯାଇଛି । ଗ୍ରାମର ଆନ୍ଦ ଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଗ୍ରାମର କଣ୍ଠୁରୀ ପରିଡ଼ା, ବୁଧି ପରିଡା, ଦୟା ବେହେରା, ହଜାରୀ ସ୍ୱାଇଁ, ବୁଧି ସ୍ୱାଇଁ, ଭଗି ନାଏକ, ରଘୁ ସାହୁ, ବିଶ୍ୱନାଥ ନାଏକ, ଗାଣ୍ଠୁସାହୁ, ଲିଙ୍ଗା ନାଏକ, ଛାଟିଆ ସାହୁ, ଦଣ୍ଡୁ ନାଏକ, ଦନେଇ ସେଠୀ, ରୁଷି ନାଏକ, କହ୍ନେଇ ସେଠୀ, ସନେଇ ନାଏକ, ହରି ନାହାକ, ହଜାରୀ ସାହୁ, ଲିଙ୍ଗା ନାହାକ, ଭଲା ସେଠୀ, ଗଦେଇ ସେଠୀ, ଲଡୁ ନାହାକ, ଖତି ସାହୁ, ବାଲକୃଷ୍ଣ ସ୍ୱାଇଁ, କହ୍ନେଇ ନାହାକ, ସୁଦର୍ଶନ ସ୍ୱାଇଁ, ପୁନିଆ ନାହାକ, ଦଣ୍ଡୁ ସାହୁ, ଅରକ୍ଷିତ ସାହୁ, ବୈରାଗୀ ନାଏକ, ଗୁରୁବାରୀ ସାହୁ, ବୁଲା ନାଏକ, ଜଗା ନାଏକ, ସପନି ସାହୁ, ବାହାଦୁର ନାଏକ, ଦନେଇ ସାହୁ, ସମ୍ବାରି ନାଏକ, ହରି ସାହୁ, ଲଛମନ ସାହୁ, ଗଦାଧର ସାହୁ, ପ୍ରହଲ୍ଲାଦ ସ୍ୱାଇଁ, ରାମ ସାହୁ, ଦଣ୍ଡୁ ପରିଡା, ବୁଲା ସେଠୀ, ଗଦେଇ ପରିଡ଼ା, ବିଶ୍ୱନାଥ ସେଠୀ, ଭଜି ପରିଡ଼ା, ଖଲି ପରିଡ଼ା, ବାଟି ପରିଡ଼ା, ଅରଖିତ ସାହୁ, ଦାଶ ପରିଡ଼ା ପ୍ରମୂଖ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ କଣ୍ଠୁରୀ ପରିଡ଼ା, ବୁଧି ପରିଡ଼ା ଓ ଦୟା ବେହେରା ସହୀଦ ହୋଇଥିବା ବେଳେ ଲିଙ୍ଗା ନାହାକ ଜେଲ ମଧ୍ୟରେ ଅନ୍ଧ ହୋଇ ଯାଇଥିଲେ । ହରିସାହୁ ଜେଲ ମଧ୍ୟରେ ପାଗଳ ହୋଇ ଯାଇଥିଲେ ଏବଂ ଖତି ସାହୁ ଅଦ୍ୟାବଧି ନିଖୋଜ ଥିବା ଜଣାପଡ଼ିଛି ।

ଦେଶର ଅଗଣିତ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନ ଯୋଗୁଁ ଭାରତ ସ୍ୱାଧୀନତା ଲାଭ କରିପାରିଛି । ଗାଁ ଗାଁରେ ସାହସୀ ଓ ଦେଶପ୍ରେମୀ ଯୁବକମାନେ ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ କରି ଦେଶକୁ ମୁକ୍ତିର ଆନନ୍ଦ ପ୍ରଦାନ କରିଥିଲେ । ତେବେ ଗୋଟିଏ ଗାଁର ୬୫ ଜଣ ସଂଗ୍ରାମୀ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେବା ନିଶ୍ଚୟ ବିରଳ ଘଟଣା । ଭାରତ ସ୍ୱାଧୀନତା ସଂଗ୍ରାମ ଇତିହାସରେ 'ଥୁଆବାରୀ' ଗାଁର ନାଁ ଅମର ଅକ୍ଷରରେ ଲିପିବଦ୍ଧ ହୋଇରହିଛି । ଏବେ ବି ଏହି ଗାଁକୁ ପ୍ରବେଶ କଲେ ମନେ ପଡ଼ିଯାଏ ସ୍ୱାଧୀନତା ସଂଗ୍ରାମର ଅମର ଗଥାର କଥା । ସତରେ ଓଡ଼ିଶାର ଏକ ନିଆରା ସଂଗ୍ରାମୀ ଆଦର୍ଶ ଗାଁ ଥୁଆବାରୀ । ଯେଉଁ ମାଟିକୁ ବାରବାର ପ୍ରଣାମ କରିବାକୁ ଇଚ୍ଛା ହୁଏ । ■



# ପକ୍ଷୀଙ୍କ ଗାଁ ଗୋବିନ୍ଦପୁର



ଘରଚଟିଆଠାରୁ ଆରମ୍ଭ କରି ବିଭିନ୍ନ ପ୍ରଜାତିର ବିଦେଶୀ ପକ୍ଷୀଙ୍କ କଳରବରେ ଗାଁ ଆଖପାଖ ମୁଖରିତ ହୋଇଉଠେ। ଗାଁର ପ୍ରତିଟି ଘର କାନ୍ଥରେ ଅଙ୍କିତ ହୋଇଛି ରଙ୍ଗବେରଙ୍ଗର ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ଚିତ୍ର। ଗ୍ରାମବାସୀଙ୍କ ଭିତରେ ରହିଛି ପକ୍ଷୀଙ୍କ ପ୍ରତି ନିବିଡ଼ ଭଲ ପାଇବା। ସେମାନଙ୍କ ସୁରକ୍ଷା ପାଇଁ ଗ୍ରାମବାସୀ ନେଇଛନ୍ତି ଶପଥ। ଏହି ଅଞ୍ଚଳରେ ପକ୍ଷୀ ଶିକାର କରିବା ସଂପୂର୍ଣ୍ଣ ନିଷେଧ। ଏଭଳି ଏକ ନିଆରା ପକ୍ଷୀପ୍ରେମୀ ଗାଁ ହେଉଛି ବରଗଡ଼ ଜି ଲ୍ଲା। ଅମ୍ବାଭୋନା ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁର। ପକ୍ଷୀ ଗାଁ ଭାବେ ପରିଚିତ ଗୋବିନ୍ଦପୁରକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା।







## ପକ୍ଷୀଙ୍କ ସୁରକ୍ଷାଦାତା ଗୋବିନ୍ଦପୁରବାସୀ

ବରଗଡ଼ ଜିଲ୍ଲାର ଗାଁ ଟିଏ, ନାଁ ତା'ର ଗୋବିନ୍ଦପୁର। ଲଖନପୁର ବନ୍ୟପ୍ରାଣୀ ରେଞ୍ଜ ଅନ୍ତର୍ଗତ ଏହି ଗାଁ ପକ୍ଷୀଙ୍କ ପାଇଁ ଅତ୍ୟନ୍ତ ନିରାପଦ। ହୀରାକୁଦ ଜଳଭଣ୍ଡାର ସଂଲଗ୍ନରେ ରହିଛି ଏହି ଗାଁଟି। ପ୍ରତିବର୍ଷ ଶୀତଋତୁରେ ହୀରାକୁଦ ଜଳଭଣ୍ଡାରକୁ ଶତାଧିକ ପ୍ରଜାତିର ଲକ୍ଷ ଲକ୍ଷ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥାଏ। ବିଶେଷକରି ଚାଇନା, ରୁଷିଆ, ସାଇବେରିଆ ଓ କାସ୍ପିଆନ୍ ପକ୍ଷୀ ଅଧିକ ସଂଖ୍ୟାରେ ଦେଖିବାକୁ ମିଳିଥାନ୍ତି। ହୀରାକୁଦ ଜଳଭଣ୍ଡାର ସହିତ ସଂଲଗ୍ନ ଜଙ୍ଗଲର ଗଛ ଗୁଡ଼ିକରେ ଏହି ସବୁ ବିଦେଶୀ ଅତିଥି ବସା ବାନ୍ଧିଥାନ୍ତି। ପ୍ରାୟ ୬ ମାସ ପରେ ଏହି ଅତିଥି ପକ୍ଷୀମାନେ ନିଜ ନିଜ ଅଞ୍ଚଳକୁ ଫେରି ଯାଇଥାନ୍ତି। ଏହି ୬ ମାସର ରହଣି ମଧ୍ୟରେ ଅନେକ ବିଦେଶୀ ପକ୍ଷୀ ଗୋବିନ୍ଦପୁରରେ ରହିଥାନ୍ତି। ତେବେ ଗ୍ରାମବାସୀ ଏହି ବିଦେଶୀ ଅତିଥିଙ୍କ କୌଣସି କ୍ଷତି କରି ନଥାନ୍ତି। ବରଂ ଏହି ଅତିଥି ପକ୍ଷୀଙ୍କ ସୁରକ୍ଷା ପାଇଁ ଗ୍ରାମବାସୀ ପଣ କରିଛନ୍ତି। କୌଣସି ବାହାର ଶିକାରୀ ମଧ୍ୟ ଏହି ଅଞ୍ଚଳରେ ପକ୍ଷୀ ଶିକାର କରିବା ପାଇଁ ସାହସ କରନ୍ତି ନାହିଁ। ବିଦେଶୀ ଅତିଥିଙ୍କ ସୁରକ୍ଷା ପାଇଁ ଜାଗ୍ରତ ପ୍ରହରୀ ଭାବେ ଗ୍ରାମବାସୀ ନିଷ୍ଠାର ସହିତ କାର୍ଯ୍ୟ କରିଥାନ୍ତି। ଧୀରେ ଧୀରେ ଆଖପାଖ ଗାଁର ଲୋକଙ୍କୁ ମଧ୍ୟ ପକ୍ଷୀ ଶିକାର ନ କରିବା ପାଇଁ ସଚେତନ କରାଯାଉଛି। ବିଦେଶୀ ପକ୍ଷୀଙ୍କ ସୁରକ୍ଷା ପାଇଁ ଗୋବିନ୍ଦପୁର ଗ୍ରାମବାସୀ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

## ପକ୍ଷୀପ୍ରେମୀ ଗ୍ରାମବାସୀ

ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ୍ ପକ୍ଷରୁ ପ୍ରତିବର୍ଷ ସମ୍ବଲପୁର, ଝାରସୁଗୁଡ଼ା ଓ ବରଗଡ଼ ଡିଭିଜନ୍‌କୁ ନେଇ ପକ୍ଷୀ ଗଣନା କରାଯାଇଥାଏ। ପକ୍ଷୀ ଗଣନା ପାଇଁ ହୀରାକୁଦ ଜଳଭଣ୍ଡାରଠାରୁ ମହାନଦୀର ଛତିଶଗଡ଼ ସୀମା ପର୍ଯ୍ୟନ୍ତ କେତୋଟି ସେକ୍ଟରରେ ବିଭକ୍ତ କରାଯାଇଥାଏ। ତନ୍ମଧ୍ୟରୁ ଗୋଟିଏ ସେକ୍ଟରର ସୀମାନ୍ତ ଗାଁ ହେଉଛି ଏହି ଗୋବିନ୍ଦପୁର। ଏହି ଗ୍ରାମର ପ୍ରତ୍ୟେକଟି ଲୋକ ପକ୍ଷୀପ୍ରେମୀ। ପକ୍ଷୀଙ୍କୁ ସେମାନେ ଏତେ ଭଲ ପାଆନ୍ତି ଯେ, ପ୍ରତିଟି ପରିବାର ନିଜ ଘର କାନ୍ଥରେ ପକ୍ଷୀଙ୍କ ଚିତ୍ର ଆଙ୍କିଛନ୍ତି। ବତକଠାରୁ ଆରମ୍ଭ କରି ବିଭିନ୍ନ ବିଦେଶୀ ପକ୍ଷୀଙ୍କ ଆକର୍ଷଣୀୟ ଚିତ୍ର ଗାଁର ପ୍ରତିଟି ଘର କାନ୍ଥରେ ଶୋଭା ପାଉଛି। ଏଭଳି ଚିତ୍ରରୁ ଜଣାପଡ଼େ ଗୋବିନ୍ଦପୁରବାସୀଙ୍କ ପକ୍ଷୀଙ୍କ ପ୍ରତି ଭଲ ପାଇବା। ପ୍ରତିଟି ଗ୍ରାମବାସୀ କୁହନ୍ତି ଆମ ଗାଁ ହେଉଛି ପକ୍ଷୀଙ୍କ ଗାଁ। ଗ୍ରାମବାସୀଙ୍କର ପକ୍ଷୀପ୍ରେମ ଦେଖି 'ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ' ପକ୍ଷରୁ ଗୋବିନ୍ଦପୁରକୁ 'ପକ୍ଷୀ ଗାଁ' ଭାବେ ଘୋଷଣା କରାଯାଇଛି।

## ପକ୍ଷୀଙ୍କ ନିରାପଦ ଆଶ୍ରୟ

ବିଶେଷ କରି ଶୀତ ଋତୁରେ ଗୋବିନ୍ଦପୁରରେ ଶତାଧିକ ପ୍ରଜାତିର ଦେଶବିଦେଶର ପକ୍ଷୀଙ୍କ ସମାଗମ ଦେଖିବାକୁ ମିଳେ। ହୀରାକୁଦ ଜଳଭଣ୍ଡାର ବିଦେଶାଗତ ପକ୍ଷୀଙ୍କ ପାଇଁ ସୁରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଅନୁକୂଳ ହୋଇଥିବାରୁ ରାମ୍‌ସାର୍ ସାଇଟ୍‌ରେ ସ୍ଥାନ ପାଇଛି। ଅନୁକୂଳ ପରିବେଶ, ଉପଯୁକ୍ତ ଜଳବାୟୁ ଓ ସୁରକ୍ଷା ଦୃଷ୍ଟିରୁ ହୀରାକୁଦ ଜଳଭଣ୍ଡାର ଅଞ୍ଚଳରେ ଅଧିକ ସଂଖ୍ୟାରେ ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଥାଏ। ତେବେ ଗୋବିନ୍ଦପୁର ବିଦେଶ ପକ୍ଷୀଙ୍କ ନିରାପଦ ଆଶ୍ରୟ ପାଲଟି ଯାଇଛି। ଏକଦା ପକ୍ଷୀ ଶିକାର ପାଇଁ ଯେଉଁ ଅଞ୍ଚଳର ବଦନାମ ରହିଥିଲା, ଏବେ ସେହି ଅଞ୍ଚଳର ଲୋକେ ପକ୍ଷୀଙ୍କ ସୁରକ୍ଷା



ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏବେ ବଦଳି ଯାଇଛି ଗାଁର ପରିଚୟ। 'ପକ୍ଷୀ ଗାଁ' ଭାବେ ସବୁଠି ପରିଚିତ ଗୋବିନ୍ଦପୁର। ଶୀତଋତୁରେ ବିଦେଶୀ ପକ୍ଷୀ ଦେଖିବାକୁ ଅନ୍ୟ ଜିଲ୍ଲା ସମେତ ଛତିଶଗଡ଼ର ପକ୍ଷୀପ୍ରେମୀଙ୍କ ଭିଡ଼ ଜମିଥାଏ ଏହି ଗାଁରେ । ଏହି ଗାଁରେ ଏକ ୱାଚ୍ ଟାୱାର୍ ମଧ୍ୟ ରହିଛି । ୱାଚ୍ ଟାୱାର ଉପରୁ ପର୍ଯ୍ୟଟକମାନେ ପକ୍ଷୀମାନଙ୍କୁ ଦେଖିବାର ସୁଯୋଗ ପାଇଥାନ୍ତି। ପକ୍ଷୀ ଗାଁ ଭାବେ ଗୋବିନ୍ଦପୁର ସ୍ୱତନ୍ତ୍ର ପରିଚୟ ପାଇଛି। ■








# ଐତିହ୍ୟ ସଂପନ୍ନ ପଦ୍ମନାଭପୁର

କ୍ଷୀରସିନ୍ଧୁ ମହାନ୍ତି, ବ୍ରହ୍ମପୁର

ଗାଁ ଏକ ଭାବାବେଗ। ଏହାର ପରିବେଶରେ ଥାଏ ମାଟି, ମମତାର ମହକ। ଏହି କ୍ରମରେ ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଜାବୁଡ଼ି ଧରିଥିବା ଗଞ୍ଜାମ ଜିଲ୍ଲାର କୋଣ ଅନୁକୋଣରେ ଅନେକ ଗାଁ ରହିଛି। ପ୍ରତିଟି ଗାଁର ସ୍ଵତନ୍ତ୍ର ପରିଚୟ ବି ରହିଛି। ଲୋକକଳା, ଲୋକନୃତ୍ୟ, କୁଟୀରଶିଳ୍ପ, ଗ୍ରାମ୍ୟ ସଂସ୍କୃତି ବଞ୍ଚାଇ ରଖିଥିବା ଏହି ଜିଲ୍ଲାର ବହୁ ଗାଁ ରାଜ୍ୟ ଓ ଜାତୀୟ ମାନଚିତ୍ରରେ ସ୍ଵତନ୍ତ୍ର ପରିଚୟ ବି ଲାଭ କରିଛି। ଏଠାକାର ପର୍ଯ୍ୟଟନ ଯେତିକି ସମୃଦ୍ଧ ଐତିହ୍ୟ ସ୍ଥଳ ବି ସେତିକି ଚମତ୍କାର। ସେହିପରି କେଉଁଠି ସ୍ଵାବଲମ୍ବନ ବାର୍ତ୍ତା ମିଳେ ତ ଆଉ କେଉଁଠାରେ ଭାଇଚାରାର ନିଆରା ସମ୍ପର୍କ ଦେଖାଦିଏ। ସେଭଳି ଏକ ଗାଁ ହେଉଛି ଗଞ୍ଜାମ ଜିଲ୍ଲା ଦିଗହପଣ୍ଡି ନିକଟସ୍ଥ ଐତିହ୍ୟ ସଂପନ୍ନ ପଦ୍ମନାଭପୁର। ଏହି ଗାଁ ଜାତୀୟ ପର୍ଯ୍ୟଟନ, ହସ୍ତତନ୍ତ କ୍ଷେତ୍ରରେ ସ୍ଵତନ୍ତ୍ରତା ହାସଲ କରିଛି। ରଘୁନାଥପୁର ଭଳି ପଦ୍ମନାଭପୁର ମଧ୍ୟ ଏକ ଐତିହ୍ୟ ସମ୍ପନ୍ନ ଗାଁ ଭାବେ ଗଣନା କରାଯାଏ।



## ପେଣ୍ଠ ନାମରେ ପରିଚିତ ସାହି

ପଦ୍ମନାଭପୁର ଗ୍ରାମରେ ବିଭିନ୍ନ ସମ୍ପ୍ରଦାୟ ବସବାସ କରନ୍ତି। ଏଠାରେ ପାଞ୍ଚ ଶହରୁ ଊର୍ଦ୍ଧ୍ଵ ପରିବାର ରହିଛନ୍ତି। ସମସ୍ତେ ଗାଁ ନିୟମ ଓ ନୀତିକୁ ଅନୁସରଣ କରନ୍ତି। ବିଭିନ୍ନ ସମ୍ପ୍ରଦାୟ ଦ୍ଵାରା ୧୨ ମାସରେ ୧୩ ପର୍ବ ଏଠାରେ ପାଳିତ ହୁଏ। ସବୁଠାରେ ଭାଇଚାରା ଓ ସଂସ୍କୃତିର ଝଲକ ଦେଖାଦିଏ। ଗାଁର ବିଭିନ୍ନ ସାହି ପେଣ୍ଠ ନାମରେ ନାମିତ। ଚତୁଃପାର୍ଶ୍ଵରେ ଚାରି ଦେବୀ ବିଦ୍ୟମାନ। ଅର୍ଣ୍ଣପୂର୍ଣ୍ଣେଶ୍ଵରୀ, ନରେନ୍ଦ୍ରଶ୍ଵରୀ, କନକଦୁର୍ଗା ଓ ବୁଢ଼ୀ ଠାକୁରାଣୀ ଗ୍ରାମ୍ୟ ସଂସ୍କୃତିର ମୂକସାକ୍ଷୀ ବୋଲି କୁହାଯାଏ। ଏହାବାଦ୍ ଗାଁରେ ଅନେକ ଦେବଦେବୀଙ୍କ ମନ୍ଦିର ରହିଛି। ଗ୍ରାମବାସୀଙ୍କ ସହଯୋଗରେ ବିଭିନ୍ନ ମନ୍ଦିରମାନଙ୍କରେ ଭିନ୍ନ ଭିନ୍ନ ପୂଜାପାର୍ବଣ ଦେଖିବାକୁ ମିଳେ।

## ହସ୍ତତନ୍ତରେ ସୁନାମ

ହସ୍ତତନ୍ତକୁ ନେଇ ଏହି ଗାଁ ସୁନାମ ଅର୍ଜନ କରିଛି। ଏହି ଗାଁର ଅନେକ ହସ୍ତଶିଳ୍ପୀ ଦେଶବିଦେଶରେ ବିଶେଷ ଖ୍ୟାତି ଅର୍ଜନ କରିଛନ୍ତି। ହସ୍ତତନ୍ତ ମଧ୍ୟରେ ପଦ୍ମନାଭପୁର ଗ୍ରାମର ସ୍ଵତନ୍ତ୍ର ରୂପାଙ୍କନ ରହିଛି। ପୁରୁଣା ପଦ୍ଧତି ଅନୁସାରେ ଆଜି ଯାଏଁ ହସ୍ତତନ୍ତ ଶିଳ୍ପ ଜାରି ରହିଛି। ତିନି ପୁରୁଷ ହେବ ଗାଁର ଡେରା ସମ୍ପ୍ରଦାୟ ଏଠାରେ ହସ୍ତତନ୍ତ ଜରିଆରେ ଶାଢ଼ି, ଲୁଗା, ପାଟ ଇତ୍ୟାଦି ବୁଣିଥାନ୍ତି। ପୂର୍ବରୁ ସମସ୍ତ ପରିବାରର ଏହା କୌଳିକ ବୃତ୍ତି ରହିଥିଲା। କାଳକ୍ରମେ ଏହା କିଛି ମାତ୍ରାରେ ଖସି ଆସିଛି। ପ୍ରୋତ୍ସାହନ ଅଭାବରୁ ଅନେକ ଯୁବପିଢ଼ି କୌଳିକ ବୃତ୍ତିରୁ ଦୂରେଇ ଯାଇଛନ୍ତି। ତଥାପି ମଧ୍ୟ ପଦ୍ମନାଭରୁ ଗାଁ ତା'ର ପଦମର୍ଯ୍ୟାଦା ବଞ୍ଚାଇ ରଖିଛି। ସମସ୍ତଙ୍କ ଘରେ ପ୍ରାୟ ତନ୍ତ ଦେଖାଯାଏ। ଭାରତ ସ୍ଵାଧୀନତା ଲାଭ ପୂର୍ବରୁ ଅର୍ଥାତ୍ ୧୯୪୬ ମସିହାରେ ଏହି ଗାଁରେ ସମବାୟ ଶିଳ୍ପ ଗଢ଼ି ଉଠିଥିଲା। ଯାହା ଗାରିମାମୟ ଇତିହାସକୁ ବର୍ଣ୍ଣନା କରେ। କେବଳ ଶାଢ଼ି କିମ୍ବା ଖଦି ନୁହେଁ, ଏଠାକାର ବୁଣାକାରମାନେ ବିଭିନ୍ନ ରୂପାଙ୍କନକୁ ନୂଆ ନକ୍ସା ଦେବାରେ ସିଦ୍ଧହସ୍ତ ମଧ୍ୟ। ବମକେଇ ନକ୍ସାକୁ ନୂତନ ଭାବେ ଏମାନେ ତିଆରି କରି ବିକ୍ରି କରନ୍ତି। ପଦ୍ମନାଭପୁରରେ ନିର୍ମିତ ହସ୍ତତନ୍ତ ବୟନିକା, ପୁରୀ, ରାଉରକେଲା ସମେତ ବିଦେଶକୁ ମଧ୍ୟ ରପ୍ତାନି ହୋଇଥାଏ। ଲୁଗା ବୁଣିବାକୁ ପ୍ରାୟ ସମସ୍ତେ ଆଗ୍ରହୀ। କିନ୍ତୁ ଆଧୁନିକତାର ଚାପ ଓ ଛାପ ଭିତରେ ସମସ୍ତେ ପୁରୁଣା ଚାହିଦାରୁ ଅପରସି ଯାଉଥିଲେ ହେଁ ପଦ୍ମନାଭପୁର ଗ୍ରାମର ବୁଣାକାରମାନେ ତାଙ୍କ ଗାରିମାକୁ ବଜାୟ ରଖିଛନ୍ତି।

## ପାହାଡ଼ ଉପରେ ଶିକ୍ଷିତ ଗାଁ ଗାଇଡ଼ା



ପାହାଡ଼ ଶିଖରରେ ଆଦିବାସୀ ଗାଁ। ନାଁ ତାର 'ଗାଇଡ଼ା-ଏ।' ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ୍ ଆଦିବାସୀ ଅଧ୍ୟୁଷିତ ପାହାଡ଼ ଉପରେ ଥିବା ଆଙ୍କୁଲି ପଞ୍ଚାୟତରେ ଏହା ରହିଛି। ଯେଉଁଠି ସୂର୍ଯ୍ୟୋଦୟର ପ୍ରଥମ କିରଣ ପଡ଼ିଥାଏ ଏହି ଗାଁ ଉପରେ। ଗାଁକୁ ପକ୍କା ସଡ଼କ ନାହିଁ। ସମ୍ପୂର୍ଣ୍ଣ ଆଦିବାସୀ ଓ ଉପାନ୍ତ ଇଲାକା। ଦିନେ ଅନୁନ୍ନତ ଥିଲା। ଆଜି ବି ଅଛି। ଗାଇଡ଼ାରେ ସାମାନ୍ୟ ବିକାଶ ହୋଇଛି ସତ, କିନ୍ତୁ ଅନେକ ମୌଳିକ ସୁବିଧା ପହଞ୍ଚିପାରିନି। ତା' ଭିତରେ ଏହି ଗ୍ରାମର ପିଲାଙ୍କ ଚମତ୍କାରିତା ଦେଖିଛି ସମଗ୍ର ଇଲାକା।

### ଗାଁର ସମସ୍ତେ ଉଚ୍ଚ ଶିକ୍ଷିତ

ଗାଇଡ଼ା-ଏ ଗାଁରେ ମାତ୍ର ୨୦ ପରିବାର ବସବାସ କରନ୍ତି। ସମୁଦାୟ ଜନସଂଖ୍ୟା ମାତ୍ର ୮୦ ହେବେ। କିନ୍ତୁ ଘରେ ଘରେ ସ୍ଵାବଲମ୍ବୀ ଓ ସରକାରୀ ଚାକିରିଆ ରହିଛନ୍ତି। ଗ୍ରାମରେ ପୁଅ ଓ ଝିଅଙ୍କୁ ମିଶାଇ ୧୨ରୁ ଅଧିକ ଜଣ ଯୁବକ, ଯୁବତୀ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗରେ ସରକାରୀ ଚାକିରି କରନ୍ତି। ଗାଁରେ ସ୍କୁଲ ଖଣ୍ଡିଏ ନଥିଲେ ହେଁ ବିଭିନ୍ନ ଆଶ୍ରମ ସ୍କୁଲରେ ପଢ଼ି ଏଠାକାର ପିଲାମାନେ ଚାକିରି ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବାର ଅଭିଳାଷକୁ ସତଜାଗ୍ରତ କରିବାରେ ସକ୍ଷମ ହୋଇଛନ୍ତି। କହିବାକୁ ଗଲେ ଗାଁରେ ପ୍ରାୟ ସମସ୍ତେ ଉଚ୍ଚଶିକ୍ଷିତ।






## ଆଦିବାସୀଙ୍କ ପ୍ରକୃତି ପୂଜା

ଗାଇଡ଼ାରେ ଅନେକ ପରମ୍ପରା ଦେଖିବାକୁ ମିଳେ। ଆଦିବାସୀ ସମୂହ ଏଠାରେ ପରିବେଶ ଓ ପ୍ରକୃତିକୁ ପୂଜା କରନ୍ତି। ବର୍ଷର ବିଭିନ୍ନ ମାସରେ ଚୈତ୍ୟ ମଙ୍ଗଳବାର, ମେଳାଣୀ ନୂଆ, ମାଘ ମୁଆଁ, ଅଶିଷ ପୂଜା ଆଦି ପରମ୍ପରା ପାଳିତ ହୁଏ। ଏହି ସମୟରେ ପାରମ୍ପରିକ ରୀତିନୀତି ସହିତ ବାଦ୍ୟବାଜଣା ବାଜିଥାଏ। ବିଭିନ୍ନ ସ୍ଥାନରେ ରହୁଥିବା ଯୁବବର୍ଗ ଗାଁରେ ସଂଗଠିତ ହୁଅନ୍ତି। ସେହିଭଳି ବିଭାଘର ଓ ବିପଦ ସମୟରେ ମଧ୍ୟ ଜଣେ ଆଉ ଜଣଙ୍କୁ ସାଥ ଦେଇଥାନ୍ତି।



## ଚାଷ ଉପରେ ନିର୍ଭରଶୀଳ

ଗ୍ରାମରେ ବସବାସ କରୁଥିବା ଆଦିବାସୀ ସମ୍ପୂର୍ଣ୍ଣ ଭାବେ ଚାଷବାସ କରନ୍ତି। ଯାହା ଉତ୍ପାଦନ ହୁଏ ସ୍ଥାନୀୟ ହାଟରେ ବ୍ରିକି କରି ପରିବାର ଗୁଜୁରାଣ ମେଣ୍ଟାଇଥାନ୍ତି। ପ୍ରକୃତି କୋଳରେ ଉତ୍ପାଦିତ ପରିବା ଲାଗି ଏହି ଗ୍ରାମ ବିଶେଷ ଖ୍ୟାତି ମଧ୍ୟ ଅର୍ଜନ କରିଛି। ଆଦିବାସୀ ସମୂହ ବିଭିନ୍ନ ପରମ୍ପରାରେ ସେମାନଙ୍କ ପାରମ୍ପରିକ ଖାଦ୍ୟ, ପଣା ଆଦି ପ୍ରସ୍ତୁତ କରନ୍ତି। ଏହାକୁ ଯୁବପିଢ଼ି ସୋସିଆଲ୍ ମିଡ଼ିଆ ମାଧ୍ୟମରେ ସେମାନଙ୍କ ବାର୍ତ୍ତା ବିଭିନ୍ନ ସ୍ଥାନରେ ପହଞ୍ଚାଇଥାନ୍ତି।

## ପଶୁମୁଖା ଲାଗି ଲୋକପ୍ରିୟ

ଗ୍ରାମର କିଛି ପରିବାର ପଶୁମୁଖା ଓ କଣ୍ଢେଇ ମଧ୍ୟ ତିଆରି କରନ୍ତି। ଯାହାକୁ ଧାରଣ କରି ନୃତ୍ୟଶିଳ୍ପୀମାନେ ବିଭିନ୍ନ ଗାଁର ଯାନି ଯାତରାରେ ନାଚ ପରିବେଷଣ କରନ୍ତି। କେଉଁ ଗାଁରେ ଯାନି ଯାତରା ହେଲେ ପଦ୍ମନାଭପୁର ଗ୍ରାମର ପଶୁମୁଖା ଖୋଜା ପଡ଼େ। ସେହିଭଳି ଗ୍ରାମରେ ବ୍ରାହ୍ମଣ ପରିବାର ପୂଜାପାଠ ଓ ଅନ୍ୟାନ୍ୟ ମହତ କାର୍ଯ୍ୟ କରୁଥିବା ବେଳେ ବୈଶ୍ୟମାନେ ଉଚ୍ଚ ବ୍ୟବସାୟ କରନ୍ତି। ଚାଷୀମାନେ ଉନ୍ନତମାନର ଚାଷ କରିଥାନ୍ତି। ଏହା ଭାଇଚାରାର ଗ୍ରାମ ହୋଇଥିବାବେଳେ ଏଠାର ବିଭିନ୍ନ ସାହିର ନାମ ଶେଷରେ ପେଣ୍ଠ ଶବ୍ଦ ଉଚ୍ଚାରଣ ହେଉଥିବା ଲକ୍ଷ୍ୟ କରାଯାଇଛି। ପାଞ୍ଚବର୍ଷକୁ ଥରେ ଗ୍ରାମର ୪ ପାଖରେ ୪ ଦେବୀଙ୍କୁ ଆବାହନ ପୂର୍ବକ ଅତି ଧୁମଧାମରେ ଯାତ୍ରା ପାଳିତ ହୋଇଥାଏ। ସବୁ ଭୁଲ ଭଟକାକୁ ଗାଁରେ ସମାଧାନ କରିବାର ବିରଳ ଦୃଶ୍ୟ ମଧ୍ୟ ଦେଖିବାକୁ ମିଳେ। ସ୍ଥାନୀୟ ପ୍ରଶାସନ ଓ ଜନତାଙ୍କ ସହଯୋଗରେ ଅନେକ ସମସ୍ୟାର ସମାଧାନ ବି ହୋଇଛି।






## ଗ୍ରାମ୍ୟ ପରମ୍ପରାକୁ ଗୁରୁତ୍ୱ

ରାଜ୍ୟ ସରକାରଙ୍କ ରାଜସ୍ୱ, ଗଣଶିକ୍ଷା ଆଦି ବିଭିନ୍ନ ବିଭାଗରେ ଚାକିରିଆ ଉଚ୍ଚଶିକ୍ଷିତ ଯୁବପିଢ଼ି ଅଧିଷ୍ଠିତ ରହିଛନ୍ତି। ଅନେକ ପିଲା ଏବେ ବି ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକରେ ପାଠ ପଢୁଛନ୍ତି। ଗାଁରେ ପ୍ରାଥମିକ ଶିକ୍ଷା ପାଇଁ ସ୍କୁଲ ନାହିଁ। ହେଲେ ତିନି କିମି ଦୂର ବାଦୁଆ ଗାଁକୁ ଯାଇ ପିଲାମାନେ ପାଠ ପଢ଼ନ୍ତି। ଏବେ ଅବଶ୍ୟ ଗାଁରେ ସୋଲାର ବିଜୁଳି ପହଞ୍ଚିଛି। ଗ୍ରାଭିଟି ଫ୍ଲୋ ବ୍ୟବସ୍ଥା ମାଧ୍ୟମରେ ନିୟମିତ ପାଣି ଆସୁଛି। ତଥାପି ରାସ୍ତା ଭଳି ପ୍ରମୁଖ ସମସ୍ୟାରେ ଆଜି ସ୍ଥାନୀୟ ଆଦିବାସୀ ଜର୍ଜରିତ ହେଉଛନ୍ତି। ବିଭିନ୍ନ ସମୟରେ ଗାଁ ପିଲା ଗାଁକୁ ଫେରନ୍ତି। ସ୍ଥାନୀୟ ଭାଷାରେ ଗାଁ ଗାଁ ଆକା ବୋଲି କୁହନ୍ତି। ସହର ଚାକଚକ୍ୟରେ ନିଜକୁ ନ ହଜାଇ ଗ୍ରାମ୍ୟ ପରମ୍ପରାର ଭାଗିଦାରୀ ହୁଅନ୍ତି। କିଛି ଯୁବତୀ ବିବାହ କରି ସାରିଥିବା ବେଳେ ଗାଁର ଗାରିମାକୁ ବଜାୟ ରଖିବାରେ ସବୁବେଳେ ସହାୟକ ହୁଅନ୍ତି।



## ମନଲୋଭା ପ୍ରାକୃତିକ ସୌନ୍ଦର୍ଯ୍ୟ

ପଦ୍ମନାଭପୁର ଗ୍ରାମ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର। ଦିଗପହଣ୍ଡି ସହରଠାରୁ ଅନତି ଦୂରରେ ଥିବା ଏହି ଗାଁ ଏବେ ବି ପରମ୍ପରାର ମୂକସାକ୍ଷୀ ଭାବେ ଉଭା ହୋଇଛି। ଗାଁରେ କୌଣସି ସମସ୍ୟା ଲାଗି ରହିଥିଲେ ହେଁ ପ୍ରଶାସନର ସହଯୋଗରେ ସମାଧାନର ବାଟ ଖୋଜିଥାନ୍ତି ଗ୍ରାମବାସୀ। ଗ୍ରାମରେ ଅନେକ ପରିବାର ବିଭିନ୍ନ ପ୍ରକାରର ଚାଷ କରିବାରେ ମଧ୍ୟ ସିଦ୍ଧହସ୍ତ। ଗାଁଟି ୧୨ଟି ସାହିକୁ ନେଇ ଗଠିତ। ତେବେ ପଦ୍ମନାଭପୁର ଗାଁ ଅନ୍ୟ ଗ୍ରାମଗୁଡ଼ିକ ପାଇଁ ପ୍ରେରଣାର ଉତ୍ସ ନିଶ୍ଚୟ।





## ରହିଛି ଅନେକ ସମସ୍ୟା

ଗାଇଡ଼ାର ସୁଖ, ସମୃଦ୍ଧି ସମସ୍ତେ କାମନା କରନ୍ତି। ହେଲେ ସମସ୍ୟା କଥା କେହି ବୁଝୁନଥିବା ମନେ ହୁଏ। ଗ୍ରାମରେ ଏବେ ବି ଅନେକ ସମସ୍ୟା ଦେଖା ଦେଇଛି। କୋମଳମତି ଶିଶୁଙ୍କଠାରୁ ଆରମ୍ଭ କରି ବହୁ ବ୍ୟକ୍ତି ସରକାରୀ ସୁବିଧା ପାଇବାକୁ ହେଲେ ଗାଁ ପଞ୍ଚାୟତ ମୁଖ୍ୟାଳୟ ଅଥବା ଅନ୍ୟ ଗାଁକୁ ଯିବାକୁ ପଡ଼ିଥାଏ। ତେବେ ସରକାରୀ ସ୍ତରରେ ସମସ୍ତ ସୁବିଧା ସୁଯୋଗ ଏଠାରେ ପହଞ୍ଚିଲେ ଗ୍ରାମବାସୀ ବିଶେଷ ଉପକୃତ ହୋଇପାରିବେ।



ମୁଖା ତିଆରି କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଖୋର୍ଦ୍ଧା ଜିଲ୍ଲା ବେଗୁନିଆଁ ବ୍ଲକ୍ ଅନ୍ତର୍ଗତ ଦୁର୍ଗାପୁର ପଞ୍ଚାୟତର କରଡ଼ଗାଡ଼ିଆ ଗାଁ । ଏହି ଗାଁର ୭ଟି ପରିବାରର ପ୍ରାୟ ୭୦ ରୁ ଊର୍ଦ୍ଧ୍ୱ ବ୍ୟକ୍ତି ନିୟମିତ ମୁଖା ପ୍ରସ୍ତୁତ କରିଥାନ୍ତି । ଯଦିଓ ବନବିଭାଗର କଟକଣା ଯୋଗୁଁ ଆବଶ୍ୟକ କାଠ ମିଳିବାରେ ସମସ୍ୟା ସୃଷ୍ଟି ହେଉଛି, ତଥାପି ବହୁ କଷ୍ଟରେ ପାଳଧୂଆ, ମହାଲିମ୍ବ ଓ ଶିମିଳି କାଠ ଯୋଗାଡ଼ କରି ବିଭିନ୍ନ ଦେବଦେବୀ, ଘୋଡ଼ା, ହାତୀ, ହରିଣ, ସିଂହ, ସଖୀ କଣ୍ଢେଇ, ରାବଣମୁଖା ସମେତ ପ୍ରଭୁ ଜଗନ୍ନାଥ, ବଳଭଦ୍ର, ଦୁର୍ଗା, ଗଣେଶ, କାଳୀ ପ୍ରଭୃତି ବିଭିନ୍ନ ମୂର୍ତ୍ତିମାନ ପ୍ରସ୍ତୁତ କରିଥାନ୍ତି ।

ରଞ୍ଜିତ କେ.ଏନ୍. ସାମନ୍ତରାୟ, ଖୋର୍ଦ୍ଧା

# କାରିଗରଙ୍କ ଗାଁ କରଡ଼ଗାଡ଼ିଆ















## ଗୋବର କଣ୍ଢେଇ ପାଇଁ ପ୍ରସିଦ୍ଧ

କରଡ଼ଗାଡ଼ିଆ ଗାଁର କାରିଗର ଗୋବର କଣ୍ଢେଇ, ହାତୀ, ଘୋଡ଼ା, ହରିଣ, ବାଘ, ମିରିଗ ସହ ବିଭିନ୍ନ ପ୍ରକାରର ଦେବଦେବୀଙ୍କ ପ୍ରତିମୂର୍ତ୍ତି ତିଆରି କରନ୍ତି । ଗାଁଟି କାଗଜ ଓ କାଠମୁଖା ସମେତ ଗୋବର କଣ୍ଢେଇ ତିଆରି ପାଇଁ ବେଶ୍ ପ୍ରସିଦ୍ଧ । ଯାନି ଯାତ୍ରା ହେଉ ଅବା ମେଳା ମହୋତ୍ସବ ସବୁଠି ଦେଖିବାକୁ ମିଳେ ଏହି ଗାଁର କାରିଗରଙ୍କ ହାତ ତିଆରି ମୁଖା ଓ କଣ୍ଢେଇ । ଏହା ଦେଖିବାକୁ ବେଶ ଆକର୍ଷଣୀୟ ହୋଇଥିବା ବେଳେ ଗ୍ରାହକମାନେ ଏହାକୁ ଆଗ୍ରହର ସହ କିଣିଥାନ୍ତି ।

ମୁଖା ତିଆରିରେ ମଗ୍ନ ପୁରୁଷ ଓ ମହିଳା: ଜିଲ୍ଲା ସଦରମହକୁମାଠାରୁ ପ୍ରାୟ ୧୩କି.ମି. ଦୂରତାରେ ରହିଛି କରଡ଼ଗାଡ଼ିଆ ଗାଁ । ଲୋକସଂଖ୍ୟା ଏହାର ପାଖାପାଖି ପ୍ରାୟ ୫ଶହ ହୋଇଥିବାବେଳେ ପ୍ରାୟ ୭ଟି ପରିବାରର ୭୦ ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ମିଶି ମୁଖା ପ୍ରସ୍ତୁତି କରି ଆସୁଛନ୍ତି । ପ୍ରଥମେ ଗୋବରରୁ କଣ୍ଢେଇ ପ୍ରସ୍ତୁତ କରି ବିଭିନ୍ନ ଯାନିଯାତ୍ରାରେ ବିକ୍ରି କରୁଥିବାବେଳେ କାଳକ୍ରମେ ଏହି କାରିଗରମାନେ କାଗଜ ଓ କାଠ ମୁଖା ସମେତ ପଥର ଓ ସିମେଣ୍ଟରେ ବିଭିନ୍ନ ଆକର୍ଷଣୀୟ ମୂର୍ତ୍ତିମାନ ନିର୍ମାଣ କରିବାରେ ସିଦ୍ଧହସ୍ତ । ଗାଁର ମଙ୍ଗଳା ମନ୍ଦିର ହେଉ କିମ୍ବା ବୃନ୍ଦାବତୀ ପିଣ୍ଡି ସବୁ କିଛି ଗଢ଼ା ଯାଇଛି ନିର୍ଦ୍ଦିଷ୍ଟ ଏକ ଶୈଳୀ ଓ ସ୍ୱତନ୍ତ୍ର ଚିତ୍ର କଳାରେ ।

## କୌଳିକ ବୃତ୍ତିକୁ ଗୁରୁତ୍ୱ

ପୁରୁଷାନୁକ୍ରମେ ମୁଖା ପ୍ରସ୍ତୁତ କରିଆସୁଥିବା ମୁଖା କାରିଗର ଦିବାକର ମହାପାତ୍ରଙ୍କ କହନ୍ତି, "ଏହା ହେଉଛି ଆମର କୌଳିକ ବୃତ୍ତି । ପୁରୁଷ ପୁରୁଷ ଧରି ଆମେମାନେ ଏହି କାର୍ଯ୍ୟ କରି ଆସୁଛୁ । ପରିବାରର ମହିଳାମାନେ ତେନ୍ତୁଳି ମଞ୍ଜି ଅଠା ଓ କାଗଜ ଛାଞ୍ଚରେ ମୁଖା ତିଆରି କରି ତାକୁ ବିଭିନ୍ନ ରଙ୍ଗ ଦେଇ ଆକର୍ଷଣୀୟ କରିଥାନ୍ତି । ପୁରୁଷମାନେ ପାଳଧୂଆ, ମହାଲିମ୍ବ,ଶିମିଳି କାଠ ଯୋଗାଡ଼ କରି କରତ,ହାତୁଡ଼ି,ବଟାଳି ସାହାଯ୍ୟରେ ବିଭିନ୍ନ ପ୍ରକାର ମୁଖା କରିବା ସହିତ ପ୍ରଭୁ ଜଗନ୍ନାଥ, ବଳଭଦ୍ର, ଦୁର୍ଗା, ଗଣେଶ, କାଳୀ, ସରସ୍ୱତୀ, ମହାଲକ୍ଷ୍ମୀ, ମଙ୍ଗଳା, ବିଶ୍ୱକର୍ମା ପ୍ରଭୃତି ବହୁ ପ୍ରକାର ମୂର୍ତ୍ତି ତିଆରି କରିଥାନ୍ତି । ସେମାନଙ୍କ ମଧ୍ୟରୁ କେତେଜଣ ପଟ୍ଟଚିତ୍ର ମଧ୍ୟ ତିଆରି କରୁଛନ୍ତି ।" ଯୁବ ବୟସରେ ଦିବାକର ମଧ୍ୟପ୍ରଦେଶର ଭିଲାଇ ଓ ପାରାଦୀପ ଯାଇ ବିଭିନ୍ନ ମନ୍ଦିର ଗୁଡ଼ିକରେ ମୂର୍ତ୍ତି ନିର୍ମାଣ କରିଛନ୍ତି । ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଥିବା ବେଳେ ପାରାଦୀପ ବନ୍ଦର ନିକଟରେ ତିଆରି ହୋଇଥିବା ଜଗନ୍ନାଥ ମନ୍ଦିରରେ ତାଙ୍କ ହାତ ତିଆରି ମୂର୍ତ୍ତି ଲାଗିଥିବା ସେ ପ୍ରକାଶ କରିଛନ୍ତି ।

## ଉତ୍କଳୀୟ କଳା ପାଇଁ ଖ୍ୟାତି ଲାଭ କରିଥିଲା

କାରିଗର ଅଟଳ ମୋହନ ମହାପାତ୍ର କୁହନ୍ତି, "ଏହା ଆମର କୌଳିକ ବୃତ୍ତି । ବାପା ଶିଳ୍ପୀ ସ୍ୱର୍ଗତ ଭରତ ମହାପାତ୍ର ୧୫ ବର୍ଷ ବୟସରୁ ମୁଖା ପ୍ରସ୍ତୁତି ନିଷ୍ଠାର ସହିତ ବୟସର ଅପରାହ୍ନ ପର୍ଯ୍ୟନ୍ତ କରିଆସୁଥିଲେ । ତାଙ୍କଠାରୁ ଶିଖି ଆମେ ଏବେ କାର୍ଯ୍ୟ ଜାରି ରଖିଛୁ । ଉଚ୍ଚ ଶିକ୍ଷା ଲାଭ କରି ମଧ୍ୟ ଚାକିରି ପଛରେ ନଦୌଡ଼ି କୌଳିକ ବୃତ୍ତିକୁ ବଞ୍ଚାଇବାକୁ ପ୍ରୟାସ ଜାରି ରଖିଛି । କାଠମୁଖା ଗୋଟିଏ ପ୍ରସ୍ତୁତ କରିବାକୁ ଭରତଙ୍କୁ ୩-୪ ଦିନ ସମୟ ଲାଗେ ।" ଗୋଟିଏ କାଗଜମୁଖାର ଦର ମାତ୍ର ଏକଶହଠାରୁ ୩ ଶହ ଟଙ୍କା ଦରରେ ବିକ୍ରି ହେଉଥିବାବେଳେ କାଠମୁଖାର ମୂଲ୍ୟ ୫ ଶହଠାରୁ ୩ ହଜାର ପର୍ଯ୍ୟନ୍ତ ରହିଛି । ମାତ୍ର ଗୋଟିଏ ମୁଖାରେ କାଠ, କପଡ଼ା, ଖଡ଼ିଗୁଣ୍ଡ, କଇଁଥ ଅଠା ପ୍ରଭୃତି ବାବଦ ମୁଖା ଆକୃତି ଦେଖି ପ୍ରାୟ ଏକ ହଜାର ଠାରୁ ଅଢ଼େଇ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ପଡ଼ିଥାଏ । ଦିନ ଥିଲା ସ୍ୱତନ୍ତ୍ର ଉତ୍କଳୀୟ କଳା ପାଇଁ ଖ୍ୟାତି ଲାଭ କରିଥିଲା ଏହି ଗାଁ । ଗୋବର କଣ୍ଢେଇ ଲାଗି ୧ଘଣ୍ଟା ସମୟ ଲାଗୁଛି । ଉକ୍ତ ସମୟ ଭିତରେ ଗୋବରରେ ୪-୫ଟି କଣ୍ଢେଇ ହୁଏ । ପରେ ତାହାକୁ ରଙ୍ଗ ଦିଆଯାଇ ଆକର୍ଷିତ କରାଯାଏ । ଏଥିପାଇଁ କାରିଗରଙ୍କୁ କଞ୍ଚାମାଲ ଭାବେ ଗୋବର ଓ ପାଉଁଶ, କଇଁଆ ମଞ୍ଜି ଅଠା, କାଗଜ ଏବଂ ଖଡ଼ିଗୁଣ୍ଡର ଆବଶ୍ୟକତା ହୁଏ । ତେବେ କାରିଗରଙ୍କ ହାତ ତିଆରି ମୁଖା ବିଗତ ଦିନରେ ଉତ୍କଳୀକା ଓ ରଘୁରାଜପୁର ସମେତ ରାଜ୍ୟର ବିଭିନ୍ନ କୋଣଅନୁକୋଣକୁ ଯାଉଥିବାବେଳେ ଦେଶର ବିଭିନ୍ନ ସ୍ଥାନକୁ ମଧ୍ୟ ଯାଇଛି ବୋଲି ସେମାନେ ଦାବି କରିଛନ୍ତି ।

## ଅବହେଳିତ କାରିଗର

ପୌରାଣିକ କଥାବସ୍ତୁ ଉପରେ ଦିଲ୍ଲୀଠାରୁ ପଲ୍ଲୀ ଯାଏଁ ଅନୁଷ୍ଠିତ ହେଉଥିବା ରାମଲୀଳା କିମ୍ବା କୃଷ୍ଣ ଲୀଳା, ବାହାଘର ରୋଷଣି, ଯାନିଯାତ୍ରା, ଘୋଡ଼ାନାଚ, ଦଣ୍ଡନାଚ ପ୍ରଭୃତି କ୍ଷେତ୍ରରେ ଏହାର ଆଦର ରହିଥିଲେ ମଧ୍ୟ ମୁଖା କାରିଗର ଏବେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ଯଦିଓ ରାଜ୍ୟ ସଂସ୍କୃତି ବିଭାଗ ବିଭିନ୍ନ ଯୋଜନାରେ କଳାକାରଙ୍କୁ ପ୍ରୋତ୍ସାହନ ରାଶି ଯୋଗାଉଛି, ତଥାପି କରଡ଼ଗାଡ଼ିଆ ଗାଁର ମୁଖା କାରିଗରମାନେ ଏବେ ବି ଅବହେଳିତ ।

## ବିକ୍ରି ପାଇଁ ନାହିଁ ଉପଯୁକ୍ତ ବଜାର

ବିଡ଼ମ୍ବନାର ବିଷୟ ହେଉଛି, କାରିଗରମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସରକାରୀ ପ୍ରୋତ୍ସାହନ ନାହିଁ । ତା'ସହ ଜିନିଷକୁ ବିକ୍ରି କରିବା ପାଇଁ ଉପଯୁକ୍ତ ବଜାର ମଧ୍ୟ ନାହିଁ । ବାଧ୍ୟ ହୋଇ ପ୍ରସ୍ତୁତ ମୁଖାଗୁଡ଼ିକକୁ କେହି କେହି ଘରର ତାଜାରେ ରଖିଥିବା ବେଳେ ଆଉ କେହି ଶାଢ଼ି, ଅଖାରେ ବାନ୍ଧି ଘରର ବାରଣ୍ଡା ଏବଂ ଭାଡ଼ିଆ ଆଟୁରେ ରଖିଛନ୍ତି । ଏଥିସହିତ ନୂତନ ପିଢ଼ି ପିଲାଙ୍କୁ ତାଲିମ ଦେବା ପାଇଁ ବି ସେମିତି କିଛି ସରକାରୀ ବ୍ୟବସ୍ଥା ନଥିବାରୁ ଏବେ କିଛି କାରିଗର ଏହି ବୃତ୍ତିରୁ ମୁହଁ ଫେରାଇ ନେଉଥିବା ଦେଖାଯାଇଛି । ଅନ୍ୟପଟେ ସରକାର ଏହି କଳାକୁ ବଞ୍ଚାଇ ରଖିବା ପାଇଁ ସହାୟତା ଯୋଗାଇଦେବାକୁ କାରିଗରମାନେ ଦାବି କରନ୍ତି । ■



# ହସ୍ତତନ୍ତ ପର୍ଯ୍ୟଟନର ଗ୍ରାମ ମାଣିଆବନ୍ଧ



**ରାଜ କିଶୋର ବେହେରା, ଡିଗିରିଆ**

ଜୀବନର ସର୍ବନିମ୍ନ ଆବଶ୍ୟକତା ଖାଦ୍ୟ, ବସ୍ତ୍ର, ବାସଗୃହ ପାଇଁ ଆଧୁନିକ ମଣିଷ ମେସିନ ଉପରେ ସଂପୂର୍ଣ୍ଣ ନିର୍ଭର କରୁଛି । ତେବେ ଏବେ ବି କିଛି ଲୋକ ନିଜ ହାତରେ ଖାଦ୍ୟ, ବସ୍ତ୍ର ଓ ବାସଗୃହ କରିବାକୁ ପସନ୍ଦ କରୁଛନ୍ତି । ବିଶେଷ କରି ମହିଳାଙ୍କ ଶାଢ଼ିଠାରୁ ଆରମ୍ଭ କରି ବିଭିନ୍ନ ପୋଷାକ ହସ୍ତ ଚାଳିତ ତନ୍ତରେ ବୁଣାକାରମାନେ ପ୍ରସ୍ତୁତ କରୁଛନ୍ତି । ଏଭଳି ବସ୍ତ୍ର ଦେହରେ ସୂକ୍ଷ୍ମ କାରୁକାର୍ଯ୍ୟ କରି ଲୁଗା ବୁଣିବାରେ ସୁନାମ ଅର୍ଜନ କରିଛି କଟକ ଜିଲ୍ଲାର ବଡ଼ମ୍ବା ବ୍ଲକ୍ ଅନ୍ତର୍ଗତ ମାଣିଆବନ୍ଧ ଗ୍ରାମ । ବାନ୍ଧକଳାର ଗାଁ ଭାବେ ଏହା ସ୍ୱୀକୃତି ଲାଭ କରିଛି । ଶାଢ଼ି ଉପରେ ବାନ୍ଧକଳାର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖିଲେ ମନପ୍ରଫୁଲ୍ଲିତ ହୋଇଉଠେ । ବାନ୍ଧକଳାକୁ ଦେଶବିଦେଶରେ ପରିଚିତ କରାଇବାରେ ମାଣିଆବନ୍ଧର ବୁଣାକାରମାନଙ୍କୁ ଅବଦାନ ଏକାନ୍ତ ସ୍ମରଣୀୟ । ଏବେ ହସ୍ତତନ୍ତର ପର୍ଯ୍ୟଟନ ଗ୍ରାମ ଭାବେ ସବୁଠି ପରିଚିତ ଏହି ନିଆରା ଗାଁ । ମାଣିଆବନ୍ଧର ବିଶେଷତ୍ୱକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା ।

## ହସ୍ତତନ୍ତ ପାଇଁ ସ୍ୱତନ୍ତ୍ର ପରିଚୟ

ମାଣିଆବନ୍ଧର ହସ୍ତତନ୍ତ ଶାଢ଼ିର ବେଶ୍ ଚାହିଦା ରହିଛି । ଖ୍ରୀଷ୍ଟାବ୍ଦ ୬୩୭-୬୩୯ ମଧ୍ୟରେ ଚୀନ ପରିବ୍ରାଜକ ହୁଏନସାଂଙ୍କ ଓଡ଼ିଶା ଗ୍ରସ୍ତଠାରୁ ଆରମ୍ଭ କରି ଫକୀର ମୋହନ ସେନାପତିଙ୍କ 'ଛମାଣ ଆଠଗୁଣ୍ଠ', ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ', ଶୁଦ୍ରମୁନୀ ସାରଳା ଦାସଙ୍କ ଲେଖାରେ ମାଣିଆବନ୍ଧି ଲୁଗାର ଉଲ୍ଲେଖ ରହିଛି । ସାଧାରଣ ପୋଷାକ ପରିଧାନ କରିଥିବା



ଲୋକଙ୍କୁ ଦେଖି ମନରେ କୌଣସି ଭାବନା ଆସିନଥାଏ, ମାତ୍ର ଅଶୋକସ୍ତମ୍ଭରେ ହାତୀ, ବାଘ, ବିଭିନ୍ନ କିସମର ଫୁଲ, ଗଛଲତା ଥିବା ପୋଷାକଟିଏ ପରିଧାନ କରିଥିବା ଲୋକଙ୍କ ଉପରେ ସମସ୍ତଙ୍କର ନଜର ଅଟକି ଯାଇଥାଏ । ଏଭଳି ଆକର୍ଷଣୀୟ ପୋଷାକ ପରିଧାନ କରିଥିଲେ ହଠାତ୍ ପାଟିରୁ ବାହାରି ପଡ଼ିଥାଏ ଲୋକଟି ନିଶ୍ଚୟ ମାଣିଆବନ୍ଧ ଅଞ୍ଚଳର । ଏହା ହିଁ ମାଣିଆବନ୍ଧର ସ୍ୱତନ୍ତ୍ରତା ।

## ଆକର୍ଷିତ କରୁଛି ବାନ୍ଧକଳା

ମାଣିଆବନ୍ଧର ବୁଣାକାରମାନଙ୍କ ହାତରେ ଯାଦୁର ସ୍ପର୍ଶରେ ଶାଢ଼ି ହୋଇଉଠେ ସୁନ୍ଦର ଓ ଆକର୍ଷଣୀୟ । ସୂତା,ସିଲ୍କ ଓ ଟସରରୁ ପ୍ରସ୍ତୁତ ମାଣିଆବନ୍ଧି ଶାଢି, ସାର୍ଟ, ଯୋଡ଼ ଆଦି ସମସ୍ତଙ୍କୁ ଆକର୍ଷିତ କରିଥାଏ । ସମଗ୍ର ଓଡ଼ିଶାରେ ମାଣିଆବନ୍ଧରୁ ପ୍ରସ୍ତୁତ ଶାଢ଼ିକୁ ମାଣିଆବନ୍ଧି ଓ ଖଣ୍ଡୁଆ ବୋଲି କୁହାଯାଉଥିବା ବେଳେ ଓଡ଼ିଶା ବାହାରେ କଲିକତା, ବିହାର, ଉତ୍ତର ପ୍ରଦେଶରେ ଏହାକୁ କଟକି ଶାଢ଼ି ବୋଲି କୁହାଯାଇଥାଏ । ମାଣିଆବନ୍ଧ ଲୁଗାର ବିଶେଷତ୍ୱ ହେଉଛି ଯେ, ତନ୍ତରୁ ସଦ୍ୟ ବାହାରିଥିବା ଲୁଗା ଓ ବିଭିନ୍ନ କିସମର ପୋଷାକ ପାଇଁ କନା ଜାଲିଜାଲି ଦେଖାଯାଉଥିବା ବେଳେ ଥରେ କି ଦୁଇଥର ଧୋଇଦେଲେ ତାହା ସୂତାରେ ତିଆରି ହୋଇଛି ନା ଜଣାପଡ଼ି ନଥାଏ । ବିଭିନ୍ନ କିସମର ସୂତା, ରଙ୍ଗ ସହିତ ବବିନ, ଡ୍ରମ, ବାନ୍ଧ ବୁଣା ପରେ ଲୁଗା ବୁଣା ହୋଇ ବଜାରକୁ ବିକ୍ରି ପାଇଁ ପଠାଯାଏ । ମାଣିଆବନ୍ଧି ଲୁଗା ପ୍ରସ୍ତୁତିରେ ପରିବାରର ସମସ୍ତ ସଦସ୍ୟଙ୍କ ଅବଦାନ ରହିଥାଏ । ଘରର ସମସ୍ତ ସଭ୍ୟ ଏହି କାର୍ଯ୍ୟରେ କିଛି ନା କିଛି ସାହାଯ୍ୟ କରିଥାନ୍ତି । ଏଠାକାର ତିଆରି ଶାଢ଼ି ୧୫ ଶହରୁ ସର୍ବାଧିକ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ଦରରେ ବିକ୍ରି ହୋଇଥାଏ । ସଂପ୍ରତି ଏଠାରେ ତିଆରି ଲୁଗାର ନାମ ଓ ଡିଜାଇନ ବଦଳିଛି । ଯୁବ ବୁଣାକାରମାନେ ମାଣିଆବନ୍ଧି ଲୁଗାର ଚାହିଦାକୁ ଦେଖି ଲୋକଙ୍କ ପସନ୍ଦ ମୁତାବକ ନାମ ଓ ରଙ୍ଗ ବଦଳିଛି । ପୂର୍ବରୁ ପ୍ରଚଳିତ ଚୁଡ଼ି, ଯୋଡ଼ଶାଢ଼ି, ଗାଇପିନ୍, ଫୋଡ଼ାକୁମ୍ଭ, ରଙ୍ଗଶାଢ଼ି, ଖଣ୍ଡୁଆ ଏବେବି ଜନମାନସରୁ ହଟି ନାହିଁ । ସଂପ୍ରତି ଏଠାରୁ ପ୍ରସ୍ତୁତ ବଡ଼ ଫୁଲ, ଝରଣା, କାରଗିଲ, ଗଙ୍ଗା ଯମୁନା ପରି ନୂଆ ରକମର ଶାଢ଼ି ସାଧାରଣ ଜନତାଠାରୁ ଆରମ୍ଭ କରି ଧନୀ ଲୋକଙ୍କ ଚାହିଦା ମେଣ୍ଟାଇଛି । ମାଣିଆବନ୍ଧି ଲୁଗାକୁ ଜିଆଇ ଟ୍ୟାଗ୍‌ର ମାନ୍ୟତା ମିଳିଛି । ତେବେ ବିଭିନ୍ନ ସମସ୍ୟା ଦେଇ ବୁଣାକାରମାନେ ଗତି କରୁଛନ୍ତି । ନିୟମିତ କର୍ମଶାଳାର ଆୟୋଜନ କରି ଅଧିକ ସଂଖ୍ୟକ ଯୁବକମାନଙ୍କୁ ଏଥିପ୍ରତି ଆକର୍ଷିତ କରିବା, ଅଣସଂଗଠିତ ବୁଣାକାରମାନଙ୍କୁ ମଜୁରି ପ୍ରଦାନ, ବୁଣାକାରଙ୍କୁ ସ୍ୱତନ୍ତ୍ର ଅନୁଦାନ, ହସ୍ତତନ୍ତ ଶିଳ୍ପକୁ ଜିଏସ୍‌ଟି ମୁକ୍ତ କରିବା ପାଇଁ ଦାବି ହେଉଛି । ଏହି ଅଞ୍ଚଳର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବାନ୍ଧଶିଳ୍ପୀ ଦେବରାଜ ଦେବତା, ଶ୍ୟାମସୁନ୍ଦର କରଣ, ସ୍ନେହଲତା ପାତ୍ର, ଭାଷ କରଣ ପ୍ରମୁଖ ବର୍ଷବର୍ଷ ଧରି ପରିଶ୍ରମ କରି ଏହି ଶିଳ୍ପର ବିକାଶ ତଥା ପ୍ରଚାର ପ୍ରସାରରେ ନିଜକୁ ନିୟୋଜିତ କରି ଅଞ୍ଚଳ ପାଇଁ ବେଶ୍ ସୁନାମ ଆଣିପାରିଛନ୍ତି । ଆସନ୍ତା ଦିନରେ ଯୁବଗୋଷ୍ଠୀ ଏହି ଶିଳ୍ପକୁ ଆହୁରି ଆଗକୁ ନେଇପାରିବେ ବୋଲି ଅଞ୍ଚଳର ବୁଦ୍ଧିଜୀବୀମାନେ ଆଶା କରିଛନ୍ତି ।





## ହସ୍ତତନ୍ତ ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି

ମୋ ଜେଜେବାପା, ବାପା ହସ୍ତତନ୍ତ ଶିଳ୍ପ ସହ ସଂପୂର୍ଣ୍ଣ ଜଡ଼ିତ ଥିଲେ । ସେହିମାନଙ୍କଠାରୁ କାମ ଦେଖି ଆଜକୁ ପ୍ରାୟ ୪୮ ରୁ ୫୦ ବର୍ଷ ଧରି ବିଭିନ୍ନ କିସମର ହସ୍ତତନ୍ତ କାର୍ଯ୍ୟ କରିଆସୁଛି । ଏହି ଶିଳ୍ପ ମୋତେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି । ୨୦୦୯ ମସିହାରେ ରାଜ୍ୟ ସରକାର ଓ ୨୦୧୫ ମସିହାରେ କେନ୍ଦ୍ର ସରକାରଙ୍କଠାରୁ ସ୍ୱତନ୍ତ୍ର ଭାବେ ସମ୍ମାନିତ ହୋଇଛି । ଏହି ଶିଳ୍ପକୁ ଆହୁରି ଲୋକାଭିମୁଖୀ କରିବା ପାଇଁ ମାଣିଆବନ୍ଧ ଓ ଆଖପାଖ ଅଞ୍ଚଳର ୩୦୦ ରୁ ଊର୍ଦ୍ଧ୍ୱ ଯୁବକଙ୍କୁ ତନ୍ତ, ବାନ୍ଧ, ରଙ୍ଗ କାମ ଆଦି ଶିକ୍ଷା ପ୍ରଦାନ କରିଛି । ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇପାରିଛି । ଶେଷ ଜୀବନ ପର୍ଯ୍ୟନ୍ତ ଏହି ଶିଳ୍ପ ସହ ଜଡ଼ିତ ରହିବି ।

—ଦେବରାଜ ଦେବତା, ରାଷ୍ଟ୍ରପତିଙ୍କ ପୁରସ୍କାର ପ୍ରାପ୍ତ, ହସ୍ତତନ୍ତ କାରିଗର



## ହସ୍ତତନ୍ତ ବୁଣାକାରମାନଙ୍କୁ ଆତ୍ମନିର୍ଭରଶୀଳ କରାଇପାରିଛି

୧୯୯୦ ମସିହାରୁ ନିପୁଣତାର ସହିତ ହସ୍ତତନ୍ତ କାର୍ଯ୍ୟ କରୁଛି । ପରିବାରର ସମସ୍ତ ସଦସ୍ୟଙ୍କ ସହ ମିଳିମିଶି କାମ କରିବାକୁ ଖୁସି ଲାଗୁଛି । କୃଷି କାର୍ଯ୍ୟ ପରେ ହସ୍ତତନ୍ତ ଶିଳ୍ପ ଅଞ୍ଚଳର ବହୁ ଜନସାଧାରଣଙ୍କୁ ଆତ୍ମନିର୍ଭରଶୀଳ କରାଇପାରିଛି । ଆଜିର ଯୁବପିଢ଼ି ଏଦିଗରେ ଆକୃଷ୍ଟ ହେବା ନିତାନ୍ତ ଜରୁରି । ହସ୍ତତନ୍ତ ଶିଳ୍ପର ପ୍ରଚାର ପ୍ରସାର ସଠିକ୍ ଆୟୋଜନ ହେବା, ନିୟମିତ ବ୍ୟବଧାନରେ କ୍ରେତା-ବିକ୍ରେତା ସମ୍ମିଳନୀ କରି ମାଣିଆ ବନ୍ଧି ଲୁଗାର ଉପାଦେୟତା ସଂକ୍ରାନ୍ତରେ ଅବଗତ କରାଗଲେ ଏହି ଶିଳ୍ପ ଆହୁରି ଲୋକାଭିମୁଖୀ ହୋଇପାରିବ ।

—ଅରକ୍ଷିତ ସ୍ୱାଇଁ, ବୁଣାକାର



# ଚଣା ବେପାର ପାଇଁ ପରିଚିତ ଚକ୍ରଧରପୁର



ମନୋଜ ପଣ୍ଡା, ବାରିପଦା

ସୁନ୍ଦର ଓ ଆକର୍ଷଣୀୟ ଗାଁ'ର ପ୍ରାକୃତିକ ପରିବେଶ। ଗାଁ'ର ଶାନ୍ତ ବାତାବରଣ, ରୀତିନୀତି, ଚାଲିଚଳନ, ପରମ୍ପରା, ସଂସ୍କୃତି ସବୁ ନିଆରା। ସେହି ନୀତି ନିୟମ ହିଁ ସମସ୍ତଙ୍କୁ ଏକାଠି କରି ରଖିଥାଏ। ତେଣୁ ପୂର୍ବର ପରମ୍ପରାକୁ ଆଜି ବି ଲୋକେ ଜାବୁଡ଼ି ଧରିଛନ୍ତି। ଏମିତି ଏକ ଗାଁ' ହେଉଛି ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ୍ କେନ୍ଦୁଡ଼ିହା ପଞ୍ଚାୟତ ଅନ୍ତର୍ଗତ ଚକ୍ରଧରପୁର ଗ୍ରାମ। ଏହି ଗାଁ'ଟି ଉଖୁଡ଼ା ଓ ଚଣା ବ୍ୟବସାୟୀଙ୍କ ଗାଁ ଭାବେ ସ୍ୱତନ୍ତ୍ର ପରିଚୟ ପାଇଛି।

## ତିନିପିଢ଼ି ଧରି ଚାଲିଛି ବ୍ୟବସାୟ

ଚକ୍ରଧରପୁର ଗାଁ' ନାଁ ଶୁଣିଲେ ସମସ୍ତଙ୍କର ଉଖୁଡ଼ା ଓ ଚଣା ଭଜା ସ୍ୱାଦର କଥା ମନେ ପଡ଼ିଯାଏ। ଏହି ବ୍ୟବସାୟ ଏବେ ଆରମ୍ଭ ହୋଇଛି ତାହା ନୁହେଁ, ବରଂ ତିନି ପିଢ଼ି ଧରି ଗାଁ'ର ୨୪ ପରିବାର ଏହି ବ୍ୟବସାୟରେ ବାର୍ଷିକ ରୋଜଗାର ଯୋଗାଡ଼ କରିଥାନ୍ତି। ଗାଁ'ର ବେହେରା, ସାହୁ ଓ ପ୍ରଧାନ ୩ ଟି ପରିବାର ରାଜରାଜୁଡ଼ା ଅମଳରୁ ଆରମ୍ଭ କରିଥିଲେ ଏହି ବ୍ୟବସାୟ। ଚଣା ଏକ ଡାଲି ଜାତୀୟ ଦ୍ରବ୍ୟ, ଯାହା ଉତ୍ତର ବାଲେଶ୍ୱରର ବାଲିଆପାଳ ବ୍ଲକ୍‌ରେ ଏହାର ପ୍ରଚୁର ଚାଷ ହୋଇଥାଏ। ଅଗଷ୍ଟ/ସେପ୍ଟେମ୍ବର ମାସରେ ମଞ୍ଜି ବୁଣାବୁଣି ପରେ ନଭେମ୍ବର/ଡିସେମ୍ବର ମାସରେ ଅମଳ ହୋଇଥାଏ। ଅମଳ ପରେ ସେଠାକାର ଚାଷୀଙ୍କଠାରୁ ଚକ୍ରଧରପୁର ଗ୍ରାମର ବ୍ୟବସାୟୀ ଏକ ସଙ୍ଗରେ ଯାଇ ପିକ୍‌ଅପ୍ ଭ୍ୟାନ୍‌ରେ କୁଇଣ୍ଟାଲ କୁଇଣ୍ଟାଲ ଚଣା ଆଣିଥାନ୍ତି। ତାହାକୁ ଭଲ ଭାବେ ବଛାବଛି କରି କାଠ ଚୁଲି ଦ୍ୱାରା ମାଟିହାଣ୍ଡିରେ ଗରମ ବାଲିରେ ଭାଜି ଥାନ୍ତି। ଏହାପରେ ତାହା ଖାଇବା ବା ବିକ୍ରି ପାଇଁ ଯୋଗ୍ୟ ହୋଇଥାଏ। ଏନେଇ ଗାଁ'ର ରାଜେନ୍ଦ୍ର ବେହେରା (୬୨)ଙ୍କ କହିବାନୁଯାୟୀ ପିଲାଟି ଦିନରୁ ବାପା ସ୍ୱର୍ଗତ ସଦାଶିବ ବେହେରା, ସ୍ୱର୍ଗତ ସୁରେନ୍ଦ୍ର ବେହେରା ଓ ଅନ୍ୟ ଦିବଙ୍ଗତ ଗ୍ରାମବାସୀ ଚଣା ଭାଜି ବ୍ୟବସାୟ କରୁଥିଲେ। ସେଇ ପ୍ରଥା ଏବେ ମଧ୍ୟ ପ୍ରଚଳିତ।



## ରୋଜଗାରର ସମୟ ମେଳା

ମେଳା, ମହୋତ୍ସବ ହିଁ ଚଣା ବେପାର ପାଇଁ ପ୍ରକୃଷ୍ଟ ସମୟ। ଏହି ସମୟରେ ଚଣା ବେପାରୀମାନେ ଭଲ ଦୁଇ ପଇସା ରୋଜଗାର କରନ୍ତି। ଅଗ୍ନିଉତ୍ସବ ବା ଅଗିରା ପୂର୍ଣ୍ଣିମା ପରେ ବଡ଼ସାହି ନିକଟରେ ବସୁଥିବା ହିଙ୍ଗୁଳା ମେଳାରୁ ଆରମ୍ଭ କରି ମାଣତ୍ରୀ ଶିବରାତ୍ରୀ ମେଳା, ପିଣ୍ଡାବଣିଆ ଓ ସାଇଁକୁଳା ଦୋଳ ମେଳା, ବାଲେଶ୍ୱର ନହରପାଟଣା ଓ ଖୁଣ୍ଟା ଡୁଡୁହା ବାରୁଣୀ ମେଳା, ବୈଶିଙ୍ଗା ମହୁରୀ ଓ ବାଲେଶ୍ୱର ଫୁଲଆଡ଼ି ଉଡ଼ାଯାତ୍ରାରେ ପସରା ମେଲାଇ ସମସ୍ତେ ଉଖୁଡ଼ା ଓ ଚଣାଭଜା ବ୍ୟବସାୟ କରନ୍ତି। ପ୍ରଚଳିତ ଧାରା ଅନୁଯାୟୀ ଉପରୋକ୍ତ ମେଳାକୁ ଆସୁଥିବା ଲୋକେ ସୁନିଶ୍ଚିତ ଏହି ଉଖୁଡ଼ା ଓ ଚଣାଭଜା କିଣି ଘରକୁ ନେଇଥାନ୍ତି।

## ସ୍ୱାସ୍ଥ୍ୟ ଉପାଦେୟ ଚଣା

ଆୟୁର୍ବେଦାଚାର୍ଯ୍ୟ ଡାକ୍ତର ସନତ କୁମାର ଦାସଙ୍କ ମତରେ ଚଣା ସ୍ୱାସ୍ଥ୍ୟ ପାଇଁ ଉପାଦେୟ ଖାଦ୍ୟ। ଏହା ମଧ୍ୟରେ ଅତିମାତ୍ରାରେ ପ୍ରୋଟିନ, ଆଇରନ୍, ଫାଇବର, କ୍ୟାଲସିୟମ ଏବଂ ଭିଟାମିନ୍ ସି ପରି ଅନେକଗୁଡ଼ିଏ ପୋଷକତତ୍ତ୍ୱ ମିଳିଥାଏ। ଚଣା ଖାଇବା ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ। ତେବେ ଚଣା ଭଜାକୁ ସ୍ୱାଦ ଦେବା ପାଇଁ ଧାନ ଓ ମକାରୁ ଉଖୁଡ଼ା (ଗୁଡ଼ଚିନି ମିଶ୍ରଣରେ ପ୍ରସ୍ତୁତ) ଚାହିଦା ଆଣିଛି।
ଅ ନ ୍ୟପ େ ଟ


୭୦/୭୫ବର୍ଷ ଏହି ବ୍ୟବସାୟ ପାଇଁ ଗ୍ରାମବାସୀ ବାଲିଆପାଳ ଉପରେ ନିର୍ଭରଶୀଳ ଥିଲେ ହେଁ ନିଜ ଗ୍ରାମରେ ଚାଷ ପାଇଁ ଆଗ୍ରହ ଦେଖାଇ ନାହାନ୍ତି। କୃଷି ବିଭାଗ ମଧ୍ୟ ଅଞ୍ଚଳର ଚାହିଦା ପାଇଁ ବିକଳ୍ପ ଚାଷ ପ୍ରତି ନଜର ଦେଇନାହିଁ। ଦିନକୁ ଦିନ କଞ୍ଚାମାଲ ଦର ବୃଦ୍ଧି ତୁଳନାରେ ପ୍ରସ୍ତୁତ ସାମଗ୍ରୀ ଦର ବୃଦ୍ଧି ହେଉ ନଥିବାରୁ ପୂର୍ବଭଳି ବ୍ୟବସାୟରେ ଲାଭ ହେଉ ନାହିଁ ବୋଲି ଦିବାକର ସାହୁ, କଟିଆ ବେହେରା, ପଙ୍କଜ ବେହେରା, ଭଗିରଥ ପ୍ରଧାନ ଓ ଭାସ୍କର ବେହେରା ପ୍ରମୁଖ କହିଛନ୍ତି।

## ବ୍ୟବସାୟରେ ବାଧକ ଫାଷ୍ଟଫୁଡ୍

ଆଗରୁ ବାପା-ଜେଜେବାପା ସମୟରେ ଭାରରେ କାନ୍ଧେଇ ମେଳାସ୍ଥାନକୁ ଯାଇ ବ୍ୟବସାୟ କରିବାରେ ଯେଉଁ ଲାଭ ମିଳୁଥିଲା ବର୍ତ୍ତମାନ ଆଉ ନାହିଁ। ଏହାର ପ୍ରମୁଖ କାରଣ ହେଉଛି ଆଜିକାଲିର ଲୋକମାନେ ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ଖାଇବାକୁ ପସନ୍ଦ କରୁଛନ୍ତି। ତେଣୁ ମେଳାରେ ଚାଟ୍, ଗୁପ୍‌ଚୁପ୍, ଲସି ଓ ଫାଷ୍ଟଫୁଡ୍ ବେପାର ଏହି ପାରମ୍ପରିକ ବ୍ୟବସାୟ ପ୍ରତି ବାଧକ ସାଜିଛି। ତଥାପି ବଂଶର ବୃତ୍ତିଗତ ବ୍ୟବସାୟକୁ ସମସ୍ତେ ବଞ୍ଚାଇ ରଖିଛୁ ବୋଲି ଚଣା ବ୍ୟବସାୟୀମାନେ କହନ୍ତି। ତେବେ ଚଣା ବ୍ୟବସାୟ ପାଇଁ ଚକ୍ରଧରପୁର ଗାଁ'ର ସ୍ୱତନ୍ତ୍ର ପରିଚୟ ରହିଛି।







# ନୀତି ଅନୀତି ରାଜନୀତି

ଶ୍ରୀବିଦୂର



## କୋଟିପତି ସୂତ୍ର ଓ ଛାଗଳ ମନ୍ତ୍ର

ଆମ ଦେଶରେ ଯମୁନା ପରୀ, ବରବାରୀ, ବିଟଲ, ଓସାମାବାଦୀ, ବ୍ଲାକ୍ ବେଙ୍ଗଲ, ସିରୋହୀ ଛେଳିକୁ ଭଲ ପ୍ରଜାତି ବୋଲି କୁହାଯାଏ। ସାଧାରଣତଃ ପ୍ରାପ୍ତ ବୟସ୍କ ଛେଳିର ଗର୍ଭଧାରଣ ସମୟ ପ୍ରାୟ ୨୧ ସପ୍ତାହ ଓ ବର୍ଷକରେ ଅତି ବେଶୀରେ ଦୁଇରୁ ଚାରିଟି ପର୍ଯ୍ୟନ୍ତ ଛୁଆ ଦେଇଥାଏ। ଦେଶର ସବୁଠୁ ବଡ଼ ଛେଳି ମଣ୍ଡି କୁହାଯାଉଥିବା ଆନ୍ଧ୍ରର ଗୁଡୁର, ଉତ୍ତରପ୍ରଦେଶର ହାଲାଉର, ଖଲିଲାବାଦ, ରାଜସ୍ଥାନର ଆଜମେର, ମହାରାଷ୍ଟ୍ରର ଦେଓନାର, ପଞ୍ଜାବର ଟୁଙ୍ଗୱାରୀ, ମଧ୍ୟପ୍ରଦେଶର ରାଜଗଡରେ ଏହି ପ୍ରଜାତିର ଜୀଅନ୍ତା ଛେଳି କିଲୋ ପିଛା ୨୫୦ ଟଙ୍କାରୁ ୪୦୦ ଟଙ୍କା ହିସାବରେ ବିକ୍ରି ହୁଏ। ଓଡ଼ିଶାରେ ଛେଳି ଗୋଟା ଚାରିରୁ ପାଞ୍ଚ ହଜାର ଟଙ୍କା ଓ ମାଂସ ପାଇଁ ଉଦ୍ଦିଷ୍ଟ ହୃଷ୍ଟପୁଷ୍ଟ ଭଞ୍ଜନଗର କି ମୟୂରଭଞ୍ଜ ପତରଖିଆ ଛେଳିର ମୂଲ୍ୟ ଗୋଟାକୁ ଅତିବେଶୀରେ ଦଶ ହଜାର ଟଙ୍କା ପର୍ଯ୍ୟନ୍ତ ଯାଇଥାଏ। ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ମ୍ୟାଡାମ୍ ଓରଫ୍ ନିମାପଡ଼ା ଅପାଙ୍କ ଛେଳି ମନ୍ତ୍ର ଓ କୋଟିପତି ସୂତ୍ର ଏବେ ସାରା ଦେଶରେ ଗବେଷଣାର ବିଷୟ ପାଲଟିଛି। ପାଞ୍ଚ ହଜାରରେ ଛେଳି କିଣି କିପରି ଜଣେ ବର୍ଷକରେ ଲକ୍ଷପତି ହୋଇ ପାରିଲା, ତାହାର କୂଳକିନାରା ନ ପାଇ ଓଡ଼ିଶାର କିଛି ଅର୍ଥଶାସ୍ତ୍ରୀ କାନ୍ଥରେ ମୁଣ୍ଡପିଟି ଲହୁଲୁହାଣ ହୋଇଛନ୍ତି। ମାତ୍ର ଅପାଙ୍କ ଛେଳି ସୂତ୍ର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ମ୍ୟାଡାମ୍‌ଙ୍କୁ କୁଆଡ଼େ ଭାରି ପ୍ରଭାବିତ କରିଛି। ପାଞ୍ଚ ହଜାର ଟଙ୍କାରେ ଓଡ଼ିଶାର ମହିଳାମାନେ ବର୍ଷକ ମଧ୍ୟରେ କିପରି ଲକ୍ଷପତି ହେଲେ ଓ ଆସନ୍ତା ବର୍ଷ କିପରି ସେମାନେ କୋଟିପତି ହେବେ; ତାହାର ସୂତ୍ର ଅନୁଧ୍ୟାନ କରିବା ନିମନ୍ତେ ନିର୍ମଳା ମ୍ୟାଡାମ୍ ଓଡ଼ିଶାକୁ ଏକ ଉଚ୍ଚସ୍ତରୀୟ ଅର୍ଥନୀତିଜ୍ଞ ଦଳ ପଠାଇବାକୁ ବିଚାର କରୁଥିବା ଖବର ମିଳିଛି। ■



## ମହାପାତ୍ରଙ୍କୁ ମେଟ୍ରୋ ପୀଡ଼ା

ସାଧାରଣ ଲୋକମାନେ ନିଜ ପୀଡ଼ା ନିବାରଣ ପାଇଁ ଡ଼ାକ୍ତରଙ୍କ ପାଖକୁ ଯାଇଥାଆନ୍ତି। ପଥି ଓ ପଥ୍ୟ ଦେଇ ରୋଗୀଙ୍କ ପୀଡ଼ା ଦୂର କରିଥାଆନ୍ତି ଡ଼ାକ୍ତର। ମାତ୍ର ଡ଼ାକ୍ତର ଯେବେ ପୀଡ଼ାଗ୍ରସ୍ତ ହୁଅନ୍ତି, ସେ କାହା ପାଖକୁ ଯିବେ ? ଏମିତି ଏକ ଅଦେଖା ପୀଡ଼ାରେ ପୀଡ଼ିତ ହୋଇଛନ୍ତି ଆମ ନଗର ଉନ୍ନୟନମନ୍ତ୍ରୀ ବାବୁ କୃଷ୍ଣଚନ୍ଦ୍ର। ଦ୍ୱୈତନଗରୀର ମେଟ୍ରୋ ପୀଡ଼ା ସେ ନା ସହି ପାରୁଛନ୍ତି, ନା କହି ପାରୁଛନ୍ତି। ଦ୍ୱୈତନଗରୀରେ ମେଟ୍ରୋ ପ୍ରକଳ୍ପ ନିମନ୍ତେ ଶଙ୍ଖ ସରକାର ପ୍ରକ୍ରିୟା ଆରମ୍ଭ କରିଥିଲେ। ନିଜେ ଶଙ୍ଖପତି ଏହାକୁ ଶିଳାନ୍ୟାସ କରିବା ସହ ୨୦୨୭ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ଅର୍ଥ ବରାଦ ବି କରିଥିଲେ। କ୍ଷମତାକୁ ଆସିବା ପରେ କୃଷ୍ଣଚନ୍ଦ୍ରଙ୍କ ସରକାର ଖାଲି ଏହି ପ୍ରକଳ୍ପକୁ ଆଗକୁ ବଢ଼ାଇନେବା କଥା; ମାତ୍ର ସେତିକି ବି ହେଲା ନାହିଁ। ମେଟ୍ରୋକୁ ନେଇ ସରକାର ନାନାଦି ବାହାନା କଲେ। କେତେବେଳେ କହିଲେ ମେଟ୍ରୋ ଉଡ଼ନ୍ତା ପୋଲରେ ଯିବ, କେତେବେଳେ କହିଲେ ମାଟି ତଳେ ଯିବ। ଏମିତି ଉପର, ତଳ କହି କହି ବର୍ଷେ ଚାଲିଗଲା; ଏବେ ମେଟ୍ରୋ ପ୍ରକଳ୍ପ ଟେଣ୍ଡର ପୁରା ବାତିଲ। ଡ଼ବଲ ଇଞ୍ଜିନ ସରକାର ଥିବା ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶରେ ନୂଆ ମେଟ୍ରୋ ଆରମ୍ଭ ହୋଇଛି। ବେଙ୍ଗାଲୁରୁରେ ଖୋଦ୍ ପ୍ରଧାନମନ୍ତ୍ରୀ ମେଟ୍ରୋ ଆରମ୍ଭ କରିଛନ୍ତି। ମାତ୍ର ଓଡ଼ିଶାରେ ମେଟ୍ରୋର ଆବଶ୍ୟକତା ନାହିଁ ବୋଲି ପଦ୍ମ ଦଳିଆ ନେତାମନ୍ତ୍ରୀମାନେ କହି ବୁଲୁଛନ୍ତି। ରାଜଧାନିଆ ଠେଙ୍ଗା ନେତା, ତଦନ୍ତ ମନ୍ତ୍ରୀ ଏଥିରେ ସ୍ୱର ମିଳାଇଛନ୍ତି। ଖୋଦ୍ ଉପମୁଖ୍ୟମନ୍ତ୍ରୀ ସିଂହଦେଓ ବି ଏବେ କୁଆଡ଼େ ମେଟ୍ରୋକୁ ବିରୋଧ କରୁଥିବା ଶୁଣାଗଲାଣି। ଏଥିରେ କୃଷ୍ଣଚନ୍ଦ୍ର କରିବେ କ'ଣ? କେମିତି ନଗର ଉନ୍ନୟନ ବିଭାଗକୁ ଛାଡ଼ିବେ ସେଥିପାଇଁ କୁଆଡ଼େ ସେ ଏବେ ବାଟ ଖୋଜୁଛନ୍ତି। ■



## ସୁସୁରି ମାରି କିଳା ନିମନ୍ତ୍ରଣ

କୁଚିଣ୍ଡା ପଦ୍ମ ଗଡ଼ର ମହାରଥୀ ତଥା ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମାନ୍ୟବର ମନ୍ତ୍ରୀ ହେଉଛନ୍ତି ରବି ନାରାୟଣ ନାୟକ। ସ୍ୱଭାବତଃ ଜଣେ ଭଦ୍ରଲୋକ ହୋଇଥିବା ରବିଙ୍କ କାନ୍ଧରେ ବନ୍ଧୁକ ରଖି ରାଜ୍ୟ ପଦ୍ମ ଦଳ ଗଲା କିଛିଦିନ ହେଲା ଯେଉଁ କାମ କରୁଛି, ସେଥିରେ ବିଚରା ରବିବାବୁ ବଡ଼ ଅସ୍ତବ୍ୟସ୍ତ। ହାଇୱେରେ ଶୂନ୍ୟେଶୂନ୍ୟେ ଯାଉଥିବା କିଳାକୁ ପଦ୍ମ ଦଳ ସୁସୁରି ମାରି ନିମନ୍ତ୍ରଣ କରିବାର ପାଶ୍ୱର୍ ପ୍ରତିକ୍ରିୟା କେବଳ ରବିବାବୁଙ୍କୁ ଭୋଗ କରିବାକୁ ପଡୁଛି। ରାଜ୍ୟର ଶହଶହ ପଞ୍ଚାୟତରେ ସରପଞ୍ଚ, ସମିତି ସଭ୍ୟ, ୱାଡର୍‌ମେମ୍ବର ପଦ ଖାଲି ଅଛି। ବିଧି ବ୍ୟବସ୍ଥା ଅନୁସାରେ ପଦ ଖାଲି ହେବାର ଛଅ ମାସ ମଧ୍ୟରେ ଏହାକୁ ପୂରଣ କରାଯିବା କଥା। ଏହି ସବୁ ସ୍ଥାନରେ ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ହେଲା ଯେ, କେଇ ଘଣ୍ଟା ପରେ ପୁଣି ସେହି ବିଜ୍ଞପ୍ତିକୁ ପ୍ରତ୍ୟାହାର କରି ନିଆଗଲା। ପରାଜୟ ଭୟ ଯୋଗୁଁ ଉପନିର୍ବାଚନ ପାଇଁ ସରକାର ପଛଘୁଞ୍ଚା ଦେଲେ ବୋଲି ବିରୋଧୀଙ୍କ କଳଙ୍କ ରବିଙ୍କ ମଥାରେ ଲାଗିଲା। ଏହି ସମୟରେ ପୁଣି ଏକ ନିଷ୍ପତ୍ତି ରବି, ସରକାର ଓ ତାଙ୍କ ଦଳକୁ ବିବାଦୀୟ କରିଛି। ବ୍ଲକ୍ ଅଧ୍ୟକ୍ଷମାନଙ୍କ କ୍ଷମତା ସଙ୍କୁଚିତ କରି ବିଡ଼ିଓମାନଙ୍କୁ ପଞ୍ଚାୟତିରାଜ ବିଭାଗ ଶକ୍ତିଶାଳୀ କରିବା ପଛରେ ପିସି କାରବାରର ପଦ୍ମ ନେତାମାନଙ୍କର ମହତ୍ୱାକାଂକ୍ଷା ଥିବା ହାତ ଦଳିଆ ବାଣ ମାରିଛନ୍ତି। ବିରୋଧୀରେ ଥିବାବେଳେ ପଦ୍ମ ଦଳିଆ ନେତାମାନେ ଓଡ଼ିଶାରେ ବାବୁରାଜ ଚାଲିଥିବା କହୁଥିଲେ। ହେଲେ କ୍ଷମତାକୁ ଆସିବା ପରେ ଜନପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ କରି ସରକାରୀ ବାବୁଙ୍କୁ ଅଧିକ କ୍ଷମତାଶାଳୀ କରିବାର ଯେଉଁ ପରମ୍ପରା ଆରମ୍ଭ ହୋଇଛି; ତାହା ରବିବାବୁ ଆଉ ତାଙ୍କ ଦଳ ପାଇଁ ବୁମେରାଂ ହେବ ନାହିଁ ତ ? ■



## ମନ ଊଣା କରିଛନ୍ତି ସୁକେଶୀ

କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀ ତଥା ସୁନ୍ଦରଗଡ଼ ମଣି ଜୁଏଲଙ୍କ ଘନିଷ୍ଠ ସହଯୋଗୀ କୁହାଯାଉଥିବା ପଦ୍ମ ଦଳର ବରିଷ୍ଠ ନେତ୍ରୀ ସୁକେଶୀ ଓରାମ କୁଆଡ଼େ ରୁଷିଛନ୍ତି। ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନରେ ସଦସ୍ୟ ପଦରେ ତାଙ୍କୁ ନିଯୁକ୍ତି ନାନାଦି ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ତାଙ୍କ ପରି ବରିଷ୍ଠ ନେତ୍ରୀଙ୍କୁ ଅପମାନିତ କରାଯାଇଛି ବୋଲି ରାଜଧାନୀ ଭୁବନେଶ୍ୱରରୁ ଦିଲ୍ଲୀ ଯାଏ ଦଳୀୟ ନେତାମାନେ ଚର୍ଚ୍ଚା କରୁଛନ୍ତି। ସୁକେଶୀ ହେଉଛନ୍ତି ପଦ୍ମ ଦଳର ପୁରୁଖା ନେତ୍ରୀ; ଦଳର ରାଜ୍ୟ ଉପସଭାପତି, ଜାତୀୟ ମହିଳା କମିଶନ ସଦସ୍ୟା ଭାବରେ ସେ କାର୍ଯ୍ୟ କରିଛନ୍ତି। ଏକ ସମୟରେ ସେ ଟିଡ଼ିସିସିର ଅଧ୍ୟକ୍ଷା ମଧ୍ୟ ରହିଥିଲେ। ମାତ୍ର ଯଥେଷ୍ଟ କନିଷ୍ଠ ଦଳୀୟ ନେତ୍ରୀଙ୍କୁ କମିଶନ ଅଧ୍ୟକ୍ଷା ହୋଇଥିବାବେଳେ ସେ ରହିବେ ସଦସ୍ୟ? ସେମିତି ପଦ୍ମ ଦଳର ଆଉଜଣେ ପ୍ରତିଭାବାନ୍ ନେତ୍ରୀ କସ୍ତୁରୀ ମିଶ୍ର ବି କୁଆଡ଼େ ତାଙ୍କ ନିଯୁକ୍ତିକୁ ନେଇ ପୁରା ଖୁସି ନାହାନ୍ତି। ବିଜେପି ମହିଳା ମୋର୍ଚ୍ଚାର ପୂର୍ବତନ ରାଜ୍ୟ ଉପସଭାପତି କସ୍ତୁରୀ ବେଶ୍ ଉଚ୍ଚଶିକ୍ଷିତା। ବିଜ୍ଞାନରେ ସ୍ନାତକୋତ୍ତର ସହ ଆଇନ, ବିଜନେସ ମ୍ୟାନେଜମେଣ୍ଟରେ ସେ ଡ଼ିଗ୍ରୀ ହାସଲ କରିଛନ୍ତି। ସାମ୍ବାଦିକତାରେ ସ୍ୱର୍ଣ୍ଣପଦକ ସହ ଡ଼ିଗ୍ରୀ ପାଇଛନ୍ତି। ବିଭିନ୍ନ ସମୟରେ ସାମାଜିକ ଗଣମାଧ୍ୟମରେ ସେ ଦଳ ପାଇଁ ନିରନ୍ତର ଲଢ଼େଇ କରିଛନ୍ତି। ହେଲେ ପ୍ରତିବଦଳରେ ତାଙ୍କୁ ଶିଶୁ ଅଧିକାର କମିଶନରେ ସଦସ୍ୟ ପଦ ପ୍ରଦାନ କରାଯାଇଛି। ଏଥିରେ କାହା ମନ ଊଣା ନ ହେବ ଯେ? ସେଥିପାଇଁ କମିଶନ ଓ ସଦସ୍ୟଙ୍କ ନାମ ଘୋଷଣା ପରେ ସୁକେଶୀ ଓ କସ୍ତୁରୀଙ୍କୁ କୁଆଡ଼େ ଦେଖିବାକୁ ମିଳୁନାହିଁ। ଦଳରେ ଅଭିଜ୍ଞ ଓ ପ୍ରତିଭାବାନଙ୍କ ସ୍ଥାନ ନାହିଁ ବୋଲି କିଛି ମହିଳା ନେତ୍ରୀ କହୁଥିବା ବି ଶୁଣିବାକୁ ମିଳୁଛି। ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ। ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ। ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ।